ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଅକ୍ଟୋବର, ୨୦୧୯



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ସମ୍ବର୍ଦ୍ଧନା ଉତ୍ସବ, ଇନ୍ଦିରା ଗାନ୍ଧୀ ପାର୍କ ଓ ଉତ୍କଳ ମଣ୍ଡପ, ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା।
- କଥା କଳିକା ପକ୍ଷରୁ ଆଞ୍ଚଳିକ ସାହିତ୍ୟ ସମାବେଶ, ଦି ପ୍ରେସ୍ କ୍ଲବ ଅଫ ଓଡ଼ିଶା, ସଭାଗୃହ, ପୂର୍ବାହ୍ନ ୧୦ଟା।
- ବିଦ୍ୟାଧର ବାରିକ ସ୍ମୃତି ସଂସଦ କମିଟି ପକ୍ଷରୁ ଶ୍ରମିକ ନେତା ବିଦ୍ୟାଧର ବାରିକଙ୍କ ପ୍ରଥମ ରାଜ୍ୟସ୍ତରୀୟ ସ୍ମୃତିସଭା, ରୋଟାରୀ ଭବନ, ପୂର୍ବାହ୍ନ ୧୦ଟା।
- ମାରୱାଡି ଯୁବ ମଞ୍ଚ ପକ୍ଷରୁ ସଚେତନନା ଅଭିଯାନ, ଏଜି ଛକ, ଅପରାହ୍ନ ୩ଟା।
- ଓମ୍ ସାଇ ପ୍ରତକ୍ସନ ପକ୍ଷରୁ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳନ, ଶତାବ୍ଦୀର କଳାକାର ଅଡିଟୋରିୟମ, ଫକୀର ମୋହନ ଭବନ ପାଖ, ଭିଆଇପି କଲୋନୀ, ନୟାପଲ୍ଲୀ, ଅପରାହ୍ନ ୪ଟା।

**କଟକ**

- ମିଶନ ଜିରୋ 'ଏଫ୍' ଏବଂ ୫ଟି ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା, ଶହୀଦ ଭବନ, ଅପରାହ୍ନ ୪ଟା।
- ସିଏମ୍ସି ପକ୍ଷରୁ ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତି ଦିବସ ପାଳନ, କଲ୍ୟାଣମଣ୍ଡପ, ଚୌଧୁରୀବଜାର, ଅପରାହ୍ନ ୪ଟା।
- ମାସିକ ସାହିତ୍ୟ ପତ୍ରିକା 'ସୁଲଗ୍ନା'ର ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

# ରାଜ୍ୟରେ ଦୈନିକ ନିର୍ଯାତନାର ଶିକାର ହେଉଛନ୍ତି ୨୮% ବୟୋଜ୍ୟେଷ୍ଠ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ବୟସ ବଢ଼ିଲେ ଅଲୋଡ଼ା ହୋଇପଡୁଛନ୍ତି ବୟୋଜ୍ୟେଷ୍ଠ। ନା ପିଲାମାନେ ପଚାରୁଛନ୍ତି, ନା ସମାଜ ସେମାନଙ୍କୁ ଆଦର୍ଶ ନାଗରିକଭାବେ ଗ୍ରହଣ କରୁଛି। ତେଣୁ ପ୍ରତି ୪ଜଣରେ ଜଣେ ବରିଷ୍ଠ ନାଗରିକ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଜୀବନର ଅପରାହ୍ନରେ ଅଧିକାଂଶ ବୃଦ୍ଧାବୃଦ୍ଧଙ୍କୁ ନିଃସଙ୍ଗ ଜୀବନ କାଟିବାକୁ ପଡୁଛି। ଓଡ଼ିଶାରେ ବରିଷ୍ଠ ନାଗରିକମାନଙ୍କ ସ୍ଥିତି ଏବେ ଜଟିଳ ହୋଇଥିବାବେଳେ ରାଜଧାନୀରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। କେବଳ ଭୁବନେଶ୍ୱରର ୪୫%ରୁ ଅଧିକ ବରିଷ୍ଠ ନାଗରିକ ନିର୍ଯାତିତ ଓ ଅବହେଳିତ, ଯାହାକି ଜାତୀୟ ହାରଠାରୁ ବେଶ୍ ଅଧିକ ବୋଲି ନିକଟରେ 'ହେଲ୍ପଏଜ୍ ଇଣ୍ଡିଆ' ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

ଓଡ଼ିଶାର ୨୮% ବୟୋଜ୍ୟେଷ୍ଠ ଦୈନିକ ନିର୍ଯାତନାର ଶିକାର ହେଉଥିବାବେଳେ ୨୮% ମାସକୁ ଥରେ ଦୁର୍ବ୍ୟବହାରର ସାମ୍ନା କରିଥାନ୍ତି। ସମାଜରେ ୯୯% ଲୋକ ବାର୍ଦ୍ଧକ୍ୟରେ ନିର୍ଯାତିତ ହେଉଥିବା ସ୍ୱୀକାର କରିଥିବା ଏହି ସର୍ଭେ ଦର୍ଶାଇଛି। ରାଜ୍ୟର ୩୪% ବରିଷ୍ଠ ନାଗରିକ ଗାଳିଗୁଲଜ ଶୁଣୁଥିବାବେଳେ ୩୯% ନିଜ ପରିବାର ଓ ଆତ୍ମୀୟ ସ୍ୱଜନଙ୍କଠାରୁ ସମ୍ମାନ ପାଇ ନ ଥାନ୍ତି। ସେହିଭଳି ୨୮% ଉପେକ୍ଷିତ ଅବସ୍ଥାରେ ରହୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ୫୨% ଘଟଣାରେ ପୁଅ ନିଜ ବାପା, ମା'ଙ୍କୁ ନିର୍ଯାତନା ଦେଉଥିବାବେଳେ ୩୪% ମାମଲାରେ ବୋହୂ ନିର୍ଯାତନା ଦେଇଥାଏ। ବଳକା କ୍ଷେତ୍ରରେ ନାତି, ନାତୁଣୀ, ଝିଅ, ଜ୍ୱାଇଁ, ନିଜ ସ୍ୱାମୀ କିମ୍ବା ସ୍ତ୍ରୀ, ଯତ୍ନ ନେଉଥିବା ଲୋକ ଏବଂ ଘରୋଇ ସହାୟକମାନେ ନିର୍ଯାତନା ଦେଇଥାନ୍ତି। ୬୦ବର୍ଷରୁ ଊର୍ଦ୍ଧ୍ୱ ୩୨% ବରିଷ୍ଠ ନାଗରିକ ପରିବାରର ଆତ୍ମସମ୍ମାନ ଦୃଷ୍ଟିରୁ ନିର୍ଯାତନାକୁ ମୁଣ୍ଡ ପାତି ସହିଯାଇଥାନ୍ତି।

### ଭୁବନେଶ୍ୱରରେ ସର୍ବାଧିକ ନିର୍ଯାତିତ ବରିଷ୍ଠ

ଭୁବନେଶ୍ୱର ସମେତ ଦେଶର ୨୩ଟି ସହରକୁ ନେଇ କରାଯାଇଥିବା ଏହି ସର୍ଭେରେ ବରିଷ୍ଠ ନାଗରିକଙ୍କୁ ନିର୍ଯାତନା ଦେବା କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି ଭୁବନେଶ୍ୱର, ଯେଉଁଟି ଜାତୀୟ ହାର ୨୫% ସେଠାରେ ଭୁବନେଶ୍ୱରରେ ୪୫% ନିର୍ଯାତନା ଅଭିଯୋଗ ରହିଛି। ଭୁବନେଶ୍ୱରରେ ୫୨% ବୃଦ୍ଧାବୃଦ୍ଧ ଅସମ୍ମାନ ଓ ଦୁର୍ବ୍ୟବହାରର ଶିକାର ହେଉଥିବାବେଳେ ୩୩% ନିଜ ପରିବାରଜନଙ୍କଠାରୁ ଶାରୀରିକ ଓ ମାନସିକ ନିର୍ଯାତନା ପାଇଥାନ୍ତି। ୨୭% ଆର୍ଥିକସ୍ତରରେ ନିର୍ଯାତିତ ଓ ୧୭% ଅବହେଳାର ସମ୍ମୁଖୀନ ହୋଇଥାନ୍ତି। ଅଧିକାଂଶ କ୍ଷେତ୍ରରେ ବୟସ ବଢ଼ିବା ପରେ ପିଲାମାନେ ବୃଦ୍ଧ ବାପା, ମା'ଙ୍କ ସହ ରହିବାକୁ ପସନ୍ଦ କରୁନାହାନ୍ତି। ବୃଦ୍ଧ ବାପା, ମା' ସେମାନଙ୍କୁ ଏକ ବୋଝ ଭଳି ଲାଗୁଥିବାରୁ ସେମାନେ ଜାଣତରେ ବା ଅଜାଣତରେ ଦୁର୍ବ୍ୟବହାର କରିବା ଆରମ୍ଭ କରିଥାନ୍ତି। ଏହାଛଡ଼ା ସମ୍ପତ୍ତିକୁ ନେଇ ବିବାଦ ବରିଷ୍ଠ ନାଗରିକ ନିର୍ଯାତନାର ଆଉ ଏକ ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ତେବେ ଭୁବନେଶ୍ୱରରେ ଦେଶର ସର୍ବାଧିକ ୯୨% ବୟସ୍କ ବ୍ୟକ୍ତି ଦୁର୍ବ୍ୟବହାରର ସାମ୍ନା କରୁଥିବା ଏହି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।



### ଡିଜିଟାଲ ଯୁଗରେ ନିଃସଙ୍ଗ ବୟୋଜ୍ୟେଷ୍ଠ

ଆଗରୁ ଯୌଥ ପରିବାର ଥିବାବେଳେ ବୟୋଜ୍ୟେଷ୍ଠଙ୍କ ଯତ୍ନ ନେବାକୁ ଏବଂ ସେମାନଙ୍କ ସହ ସମୟ ବିତାଇବାକୁ ଗୋଟିଏ ପରିବାରରେ ଏକାଧିକ ସଦସ୍ୟ ରହୁଥିଲେ। ହେଲେ ଏବେ ଯୁଗ୍ମ ଏକାନ୍ନବର୍ତ୍ତୀ ପରିବାରଗୁଡ଼ିକ ଭାଙ୍ଗିଯିବା ପରେ ବୟୋଜ୍ୟେଷ୍ଠମାନେ ପୁଅ, ବୋହୂ, ଝିଅ, ଜ୍ୱାଇଁ ଏବଂ ନାତି, ନାତୁଣୀଙ୍କ ପାଇଁ ଅଲୋଡ଼ା ହୋଇପଡୁଛନ୍ତି। ସ୍ମାର୍ଟଫୋନ୍ ଓ ଡିଜିଟାଲ ଯୁଗରେ ଯୁବବର୍ଗଙ୍କ ନିକଟରେ ବୟସ୍କଙ୍କ ପାଇଁ ନା ଅଛି ଧୈର୍ଯ୍ୟ ନା ଅଛି ସମୟ। ଫଳରେ ନିଃସଙ୍ଗତା ଯୋଗୁ ସେମାନେ ମାନସିକସ୍ତରରେ ଦୁର୍ବଳ ହେବାସହ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଅଧିକାଂଶ କ୍ଷେତ୍ରରେ ବାପା, ମା'ଙ୍କୁ ଏକୁଟିଆ ଛାଡ଼ି ପିଲାମାନେ ରାଜ୍ୟ ଏବଂ ଦେଶ ବାହାରେ ଯାଇ ରହୁଛନ୍ତି। ଏଭଳିସ୍ଥଳେ ସେମାନେ ହତ୍ୟା, ଲୁଟ୍ ଭଳି ଅପରାଧର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କେବଳ ଘରେ ନୁହେଁ, ବୟସ୍କ ନାଗରିକମାନେ ରାସ୍ତାଘାଟ ଓ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ ଦୁର୍ବ୍ୟବହାରରୁ ବାଦ୍ ପଡୁ ନ ଥିବା କୁହାଯାଉଛି।

### ସମାଜ, ସିଷ୍ଟମ୍ ପ୍ରସ୍ତୁତ ନାହିଁ



ବର୍ତ୍ତମାନ ସମୟରେ ଆମ ସମାଜରେ ଏକ ଛୋଟ ପରିବାର କନ୍ସେପ୍ଟ ବିକଶିତ ହୋଇଛି। ସମସ୍ତେ ବାହାରକୁ ବାହାରୁଛନ୍ତି ଓ ଏକୁଟିଆ ରହିବାକୁ ପସନ୍ଦ କରୁଛନ୍ତି। ତେଣୁ ବୃଦ୍ଧ ବାପା, ମା'ମାନେ ସମସ୍ତଙ୍କୁ ବୋଝ ଭଳି ଲାଗୁଛନ୍ତି। ଏହାଛଡ଼ା ଆମ ଜନସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଥିବାବେଳେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ବଢୁଛି। ସେହି ଅନୁଯାୟୀ ଲୋକଙ୍କ ଆବଶ୍ୟକତା ମଧ୍ୟ ବଢୁଛି। ଏତେସଂଖ୍ୟକ ବୃଦ୍ଧାବୃଦ୍ଧଙ୍କୁ ସମ୍ଭାଳିବାକୁ ଆମ ସମାଜ ଓ ସିଷ୍ଟମ୍ ଉଭୟ ପ୍ରସ୍ତୁତ ନାହାନ୍ତି। ମୋ ମତରେ ଏହି ଦୁଇଟି କାରଣ ଯୋଗୁ ବରିଷ୍ଠ ନାଗରିକଙ୍କ ଉପରେ ନିର୍ଯାତନା ବଢୁଛି।

**- ଭାରତୀ ଚକ୍ର, ଓଡ଼ିଶା ମୁଖ୍ୟ, ହେଲ୍ପଏଜ୍ ଇଣ୍ଡିଆ**

## ଆତଙ୍କବାଦ ଆକ୍ରମଣ ମାମଲାର ତଦନ୍ତକୁ ନେଇ ହେବ କର୍ମଶାଳା

## ୩ରେ ଓଡ଼ିଶା ଆସିବେ ଏନ୍ଆଇଏ ଡିଜି

**ଭୁବନେଶ୍ୱର,୩୦।୯(ବ୍ୟୁରୋ):** ଆତଙ୍କବାଦ ମାମଲାର ତଦନ୍ତ କିଭଳି କରାଯିବ ତାହାକୁ ନେଇ ପାଠ ପଢିବେ ଓଡ଼ିଶା ପୋଲିସ। ପୋଲିସ ଭବନରେ ଅନୁଷ୍ଠିତ ହେବ ଦିନିକିଆ କର୍ମଶାଳା। ଏନେଇ ଆସନ୍ତା ୩ ତାରିଖରେ ଓଡିଶା ଆସିବେ ନ୍ୟାଶନାଲ ଇନ୍ଭେଷ୍ଟିକେଶନ ଏଜେନ୍ସି (ଏନ୍ଆଇଏ) ଡିଜି ଯୋଗେଶ ଚନ୍ଦ୍ର ମୋଦୀ ଓ ଅନ୍ୟ ବରିଷ୍ଠ ଅଫିସର। ଏନ୍ଆଇଏ ଅଧିକାରୀମାନେ ଆତଙ୍କବାଦ କାର୍ଯ୍ୟକଳାପ ଓ ଏହାର ମାମଲା କିଭଳି ତଦନ୍ତ କରାଯିବ ସେନେଇ ଓଡିଶା ପୋଲିସକୁ ପ୍ରଶିକ୍ଷଣ ଦେବେ। ଏବେ ଆତଙ୍କବାଦୀଙ୍କ ଟାର୍ଗେଟରେ ଓଡିଶା ରହିଛି। କେନ୍ଦ୍ର ଗୋଇନ୍ଦା ବିଭାଗ ମଧ୍ୟ ଏନେଇ ରିପୋର୍ଟ ଦେଇଛନ୍ତି। ଏପରିକି ପୂର୍ବରୁ ମଧ୍ୟ ଆତଙ୍କବାଦୀ ଲିଙ୍କ୍ରେ ଅବଦୁର୍ ରହମାନ ଏବଂ ରାଉରକେଲାର ଏକାଧିକ ଅପରାଧୀ ଗିରଫ ହୋଇଛନ୍ତି। ଏଦୃଷ୍ଟିରୁ କର୍ମଶାଳା ବହୁ ଗୁରୁତ୍ୱ ବହନ କରୁଛି। ବିଶେଷ କରି ଓଡିଶାର ଐତିହ୍ୟ ଓ ମନ୍ଦିରମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କିଭଳି କଡାକଡି କରାଯାଇ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିହେବ ସେନେଇ ମଧ ବାଟ ବତାଇବେ ଅଧିକାରୀ। ଏହାସହ ପୋଲିସ ଏବଂ ଗୋଇନ୍ଦା ବିଭାଗ ସମନ୍ୱୟରେ ତଥ୍ୟ ଆଦାନ ପ୍ରଦାନ କରାଯାଇ କାର୍ଯ୍ୟକରାଯିବ ତାହା ଉପରେ ପରାମର୍ଶ ଦେବେ। ବୈଠକରେ ପୋଲିସ ଡିଜି ବି.କେ ଶର୍ମା ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିବେ।

## ଚଳନ୍ତା ଟ୍ରେନ୍ରୁ ଅଲଗା ହୋଇଗଲା ବଗି

### ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ପୁରୀ ଅଫିସ, ୩୦।୯:** ପୁରୀ ଜିଲା ଡେଲାଙ୍ଗର ରେଞ୍ଚ ଲେଭଲ କ୍ରସିଂଠାରେ ସୋମବାର ରାତି ପ୍ରାୟ ସାଢେ ୧୦ଟାରେ ଏକ ଚଳନ୍ତା ଟ୍ରେନ୍ର ଗୋଟିଏ ବଗି ଅନ୍ୟ ବଗିଠାରୁ ଅଲଗା ହୋଇଯାଇଥିଲା। ଫଳରେ ଉକ୍ତ ବଗିରେ ବସିଥିବା ଯାତ୍ରୀମାନେ ଟ୍ରେନ୍ ଭିତରେ ପଡ଼ିଯାଇଥିଲେ। କାହାର କିଛି କ୍ଷୟକ୍ଷତି ହୋଇ ନ ଥିବା ବେଳେ ଏକ ବଡଧରଣର ଟ୍ରେନ୍ ଦୁର୍ଘଟଣାରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ, ପୁରୀ-ସାଇନଗର ଶିରିଡ଼ି ଏକ୍ସପ୍ରେସ୍ ଟ୍ରେନ୍ ଜଟଣୀରୁ ପୁରୀ ଅଭିମୁଖେ ଯାଉଥିବାବେଳେ ରେଞ୍ଚ ଲେଭଲ କ୍ରସିଂଠାରେ ଏହାର ଏସ୍-୪ ବଗିଠାରୁ ଏସ୍-୫ ବଗି ଅଲଗା ହୋଇଯାଇଥିଲା। ଫଳରେ ଟ୍ରେନ୍ ଦୋହଲି ଯାଇଥିଲା। ତେବେ ସୌଭାଗ୍ୟବଶତଃ ଟ୍ରାକ୍ରେ ଟ୍ରେନ୍ଟି ରହିଯାଇଥିଲା। ଜିନିଷପତ୍ର ତଳକୁ ଖସିପଡ଼ିଥିବା ବେଳେ ଯାତ୍ରୀମାନେ ପରସ୍ପର ଉପରେ ପଡ଼ିଯାଇଥିଲେ। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ଦୁଇଟି ବଗି ମଧ୍ୟରେ ସଂଯୋଗ ରଖୁଥିବା କପ୍ଲିନ୍ ଭାଙ୍ଗିଯିବାରୁ ଏ ଘଟଣା ଘଟିଥିବା ରେଳ ବିଭାଗ ପକ୍ଷରୁ ଜଣାପଡ଼ିଛି।

**ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସମାରୋହ**

# ଦିନତମାମ ଗାନ୍ଧିଜୀଙ୍କୁ ନେଇ କାର୍ଯ୍ୟକ୍ରମ

### ୬ ସ୍ଥାନରେ ଗାନ୍ଧୀଙ୍କ ପୂର୍ଣ୍ଣାବୟବ ତୈଳଚିତ୍ର ସ୍ଥାପନ

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସୂଚନା ଓ ଲୋକସମ୍ପର୍କ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସମାରୋହ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇଛି। ଅକ୍ଟୋବର ୨ରେ ଭୁବନେଶ୍ୱରଠାରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏନେଇ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ବୈଠକରେ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭାଗ ତରଫରୁ ପ୍ରଥମ ପର୍ଯ୍ୟାୟରେ ମହାତ୍ମା ଗାନ୍ଧୀଙ୍କ ୬ଟି ପୂର୍ଣ୍ଣାବୟବ ତୈଳଚିତ୍ର ରବୀନ୍ଦ୍ର ମଣ୍ଡପ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାର, କଟକସ୍ଥିତ ଆନନ୍ଦଭବନ ସଂଗ୍ରହାଳୟ, ନେତାଜୀ ସୁଭାଷଚନ୍ଦ୍ର ବୋଷ ସଂଗ୍ରହାଳୟ ଓ ସ୍ୱରାଜ ଆଶ୍ରମରେ ସ୍ଥାପନ କରାଯାଉଛି। ଗାନ୍ଧୀ ଜୟନ୍ତୀ ଦିନ ଭୋର ୪ଟା ୩୦ରେ ସହର ସାରା ରାମଧୂନ୍ ପ୍ରଚାର କରାଯିବ। ପ୍ରାୟ ୪୦୦ ସଂକୀର୍ତ୍ତନ କଳାକାର ଦୁଇ ଭାଗରେ ବିଭକ୍ତ ହୋଇ ପଦଯାତ୍ରାରେ 'ରଘୁପତି ରାଘବ ରାଜା ରାମ'(ରାମଧୂନ୍) ଭଜନ ପରିବେଷଣ କରିବେ। ସକାଳ ୭ଟା ରୁ ୮ଟା ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆଚାର୍ଯ୍ୟ ବିହାରଠାରୁ କ୍ୟାପିଟାଲ୍ ହସ୍ପିଟାଲ୍ ପର୍ଯ୍ୟନ୍ତ ଏକ ମାନବ ଶୃଙ୍ଖଳ ସୃଷ୍ଟି କରିବେ। ସକାଳ ୯ଟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଶିଳ୍ପୀ ଶିବିର ଆୟୋଜନ କରାଯିବ। ସକାଳ ୧୦ଟା ୧୦ମିନିଟ୍ରେ ରାଜ୍ୟ ବିଧାନସଭା ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ସାଙ୍ଗକୁ ଆଶ୍ରମ ଭଜନ ଆବୃତ୍ତି, ରାମଧୂନ୍ ଓ ଗାନ୍ଧୀ ଜୟନ୍ତୀ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ସହ ଜନପ୍ରତିନିଧିମାନେ ଯୋଗଦେବେ। ପୂର୍ବାହ୍ନ ୧୧ଟାରେ ସୂଚନା ଭବନରେ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍ଘାଟନ ସହ 'ଗାନ୍ଧୀକଥା' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୂଚନା ଓ ଲୋକସଂପର୍କ ବିଭାଗ ଶାସନ ସଚିବ ସଂଜୟ କୁମାର ସିଂ ଏବଂ ଗାନ୍ଧୀବାଦୀ ବିଦ୍ୱାନ ସତ୍ୟନାରାୟଣ ସାହୁ ଯୋଗଦେବେ। ଅପରାହ୍ନ ୩ଟାରେ ଗୀତଗୋବିନ୍ଦ ସଦନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉର୍ଦ୍ଦୁ ଏକାଡେମୀ ଆନୁକୂଲ୍ୟରେ କବିତା ଆସର ଓ ମୁଶାୟାରା ଆୟୋଜିତ ହେବ। ସନ୍ଧ୍ୟା ସାଢ଼େ ୬ଟାରେ ସୂଚନା ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କାର୍ଯ୍ୟକ୍ରମ ରହିଛି।

# ଫଟୋ ବଖାଣିଲା କୁପୋଷଣର ସ୍ଥିତି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



**'କ୍ଲୋଜ୍ ଦି ଗ୍ୟାପ୍'**

କୁପୋଷଣ ସମ୍ପର୍କିତ ଫଟୋ ପ୍ରଦର୍ଶନୀକୁ ମହିଳା ଓ ଯୁବତୀମାନେ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ଅନୁଗୋଳ ଜିଲାର କୁପୋଷଣ ସ୍ଥିତିକୁ ନେଇ ଏକ ଫଟୋ ପ୍ରଦର୍ଶନୀ 'କ୍ଲୋଜ୍ ଦି ଗ୍ୟାପ୍' ସୋମବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆଇପିଇ ଗ୍ଲୋବାଲ୍, ଏପିଏଏ (ଅନୁଗୋଳ ପୁଷ୍ଟି ଅଧିକାର ଅଭିଯାନ), ଏସ୍ପିଆର୍ଇଏଡି (ଗ୍ରାମୀଣ ଶିକ୍ଷା ଏବଂ ବିକାଶକୁ ପ୍ରୋତ୍ସାହିତ କରୁଥିବା ଗୋଷ୍ଠୀ)ର ମିଳିତ ଆନୁକୂଲ୍ୟରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଅନୁଗୋଳ ଜିଲାର ଗୋଷ୍ଠୀ ସମୂହଙ୍କ ପୋଷଣ ସମ୍ବନ୍ଧୀୟ ଅଭିଜ୍ଞତାକୁ ପ୍ରଦର୍ଶନ କରାଯାଇଥିଲା। ପ୍ରଦର୍ଶିତ ଫଟୋ ଚିତ୍ରଗୁଡ଼ିକ ମାଧ୍ୟମରେ ପ୍ରତିଦିନ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକଠାରୁ ପୋଷଣ ସମ୍ପର୍କିତ ସେବା ପାଇବା ପାଇଁ ସଂଘର୍ଷ କରୁଥିବା ଏବଂ ଆଶାୟୀ ବ୍ୟକ୍ତିମାନଙ୍କ କାହାଣୀକୁ ସ୍ଥାନିତ କରାଯାଇଥିଲା। ଫଟୋଗୁଡ଼ିକ କୁପୋଷଣର କାହାଣୀକୁ ବଖାଣିଥିଲା। କୁପୋଷଣର ବ୍ୟାପକତା ସମାଜରେ ଅସମାନତାର ପ୍ରତୀକ ଅଟେ। ଅତ୍ୟନ୍ତ ଅପହଞ୍ଚ ଲୋକଙ୍କୁ କେନ୍ଦ୍ରିତ କରି ଯଦି କୌଣସି ସମାଧାନର ପନ୍ଥା ସ୍ଥିର କରା ନ ଯାଏ ତେବେ ଏହି ବ୍ୟବଧାନ ବୃଦ୍ଧିପାଇବ ବୋଲି ଏହି ପ୍ରଦର୍ଶନୀ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ଦିଲ୍ଲୀ ନିବାସୀ ଅନିନ୍ଦିତୋ ମୁଖାର୍ଜୀ ଏବଂ ରବି ଚୌଧୁରୀଙ୍କ କ୍ୟାମେରା ଦ୍ୱାରା ସମସ୍ତ ଫଟୋ ଉତ୍ତୋଳିତ ହୋଇଥିଲା।

ପ୍ରଦର୍ଶନୀରେ ଢେଙ୍କାନାଳ ଏମ୍ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଇପିଇ ଗ୍ଲୋବାଲ୍ ଲିମିଟେଡ୍ର ସହାୟିକା ନିର୍ଦ୍ଦେଶିକା ନେହା ସୈଗଲ୍ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ପୋଷଣ କ୍ଷେତ୍ରରେ ଥିବା ସମସ୍ତ ସମସ୍ୟାକୁ ପ୍ରତିହତ କରିବା ପାଇଁ ଓଡ଼ିଶା ସରକାର ଅନେକ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ ରାଜ୍ୟ ଅତ୍ୟନ୍ତ ଦରିଦ୍ର୍ୟ ଯେପରିକି ଅବହେଳିତ ଅନୁସୂଚିତ ଜାତି ଏବଂ ଜନଜାତି ସମୁଦାୟଙ୍କ କୁପୋଷଣକୁ ଦୂର କରିବା କଷ୍ଟକର ବ୍ୟାପାର ହୋଇଯାଇଛି। ରାଜ୍ୟରେ ୩୪.୧ ପ୍ରତିଶତ କୁପୋଷଣ ସମସ୍ୟାରେ ଜର୍ଜରିତ ୫ବର୍ଷରୁ କମ୍ ବୟସର ଶିଶୁ ରହିଥିବାବେଳେ ୫୦ ପ୍ରତିଶତ ୧୫ରୁ ୪୯ ବର୍ଷ ବୟସ ଶ୍ରେଣୀର ବ୍ୟକ୍ତି ଆନେମିଆ ରୋଗର ଶିକାର ହେଉଛନ୍ତି। ରାଜ୍ୟରେ ୪୬ ପ୍ରତିଶତ ଅନୁସୂଚିତ ଜନଜାତିର ଶିଶୁମାନେ ଅତିଶୟ କୁପୋଷଣର ଶିକାର ଅଟନ୍ତି। ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ଏହି ସମୁଦାୟଙ୍କ ଉପରେ ଦୃଷ୍ଟି ଦେବା ଉଚିତ ବୋଲି ସୈଗଲ୍ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଉପଦେଷ୍ଟା ସୁଲତା ଦେଓ, ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ ସଦସ୍ୟ ସିପ୍ରା ମଲ୍ଲିକ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ଏବଂ ଏସ୍ପିଆର୍ଇଏଡି ସଚିବ ବିଦ୍ୟୁତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଦୀପ ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ଅଂଶୁମାନ



ପ୍ରଣତି



ଶୁଭାୟୁ



ସୌମ୍ୟରଞ୍ଜନ



ସୁଧୀର



ସଞ୍ଚିତା



ସନାତନ



ସୁଶାନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ।
- ଗୁରୁ ନାନକ



## ସଂକ୍ଷେପରେ

### କନ୍ତଳବାଇ ବାପ, ପୁଅଙ୍କୁ ହତ୍ୟା ଉଦ୍ୟମ ଘଟଣା
## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଖୋର୍ଦ୍ଧା ଅଫିସ,୩୦।୯:** ଟାଙ୍ଗୀ ଥାନା ଭୁଷଣ୍ଡପୁର ଫାଣ୍ଡି କନ୍ତଳବାଇ ଗାଁର ବାପ ଓ ପୁଅଙ୍କୁ ହତ୍ୟା ଉଦ୍ୟମ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍ ୨ୟ ଦିଲୀପ କୁମାର ବିଶ୍ୱାଳ ଅଭିଯୁକ୍ତ କନ୍ତଳବାଇର ପଙ୍କଜ ମହାପାତ୍ରଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଦଫା ୩୦୨ରେ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଜରିମାନା ରହିଛି। ଜରିମାନା ଅନାଦାୟ ହେଲେ ଅଧିକ ବର୍ଷେ କାରାଦଣ୍ଡ ଭୋଗିବାକୁ ପଡିବ। ସେହିପରି ଦଫା ୩୨୩ରେ ୬ ମାସ କାରାଦଣ୍ଡ ୫୦୦ ଟଙ୍କା ଜରିମାନା ଆଦେଶ ରହିଛି। ଜରିମାନା ଅନାଦାୟ ପୁଣି ୨ ମାସ ଜେଲ ଦଣ୍ଡ ରହିଛି। ୨୦୧୭ ସେପ୍ଟେମ୍ବର ୧୧ ରାତି ପ୍ରାୟ ସାଢ଼େ ୯ଟାରେ କନ୍ତଳବାଇର ପଙ୍କଜ ମଦ ପିଇ ଉଲଗ୍ନ ହୋଇ ଗାଁଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ ବୁଝାଶୁଝା କରି ପଙ୍କଜଙ୍କୁ ଘରେ ଛାଡିଥିଲେ। କିଛି ସମୟ ପରେ ପଙ୍କଜ ଘରୁ ଆସି ପୂର୍ଣ୍ଣଚନ୍ଦ୍ର କୁଆଡେ ଗଲେ ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ଘର ବାରଣ୍ଡାରେ ବସିଥିବା ପୂର୍ଣ୍ଣଚନ୍ଦ୍ରଙ୍କ ବାପା ଗାଜିଙ୍କୁ ଠେଙ୍ଗାରେ ମାରପିଟ କରିଥିଲେ। ଗାଜି ଅଚେତ ହୋଇ ତଳେ ପଡି ଯାଇଥିଲେ। ପରେ ଭାଇ ଶେଷଦେବ ଘଟଣା ସ୍ଥଳେ ପହଞ୍ଚିବାରୁ ତାଙ୍କୁ ମଧ ମାରପିଟ କରି ତଳେ ପକାଇ ଦେଲେ। ବାପ ଓ ପୁଅ ଅଚେତ ହୋଇ ପଡିଥିଲେ। ପରେ ଅଣ୍ଟାରୁ କଟୁରି କାଢ଼ି କେହି ପାଖକୁ ଆସିଲେ ଏ ଦୁଇଜଣଙ୍କ ପରି ମାରିଦେବି ବୋଲି କହିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୨୯୪, ୩୨୩, ୩୨୪, ୩୦୭, ୫୦୬ ଆଇପିସିରେ ନଂ. ୩୨୪/୧୭ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ଟାଙ୍ଗୀ ଥାନା ପୋଲିସ କନ୍ତଳବାଇର ପଙ୍କଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ପଙ୍କଜ ଜେଲରେ ରହିଛନ୍ତି। ସରକାରଙ୍କ ପକ୍ଷରୁ ଅନିଲ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

### ଇ-ଚାଲାଣରେ ଜରିମାନା ଆଦାୟ ହେବ
## ବିଭିନ୍ନ ଥାନାକୁ ଦିଆଗଲା ୫ଶହ ପିଓଏସ୍ ମେଶିନ

**ଭୁବନେଶ୍ୱର,୩୦।୯(ବ୍ୟୁରୋ):** ଇ-ଚାଲାଣ ମାଧମରେ ଜରିମାନା ଆଦାୟ କରିବ ପୋଲିସ। ଏଥିପାଇଁ ରାଜ୍ୟର ବିଭିନ୍ନ ଥାନାକୁ ୫ଶହ ପିଓଏସ୍ ମେଶିନ ପରିବହନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି। କମିଶନରେଟ ପୋଲିସକୁ ସବୁଠୁ ଅଧିକ ୧୦୦ ମେଶିନ ଦିଆଯାଇଛି ବୋଲି ପୋଲିସ ମୁଖ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ମିଳିଥିବା ସୂଚନାନୁସାରେ, ଭୁବନେଶ୍ୱରକୁ ୬୦, କଟକକୁ ୪୦, ବରଗଡ ୧୫, କେଉଁଝର ଓ ଅନୁଗୋଳକୁ ୧୭, ସୁନ୍ଦରଗଡ଼କୁ ୧୫, ଭଦ୍ରକକୁ ୧୪, ବ୍ରହ୍ମପୁରକୁ ୧୨, ସମ୍ବଲପୁରକୁ ୨୧, ବାଲେଶ୍ୱରକୁ ୨୧, ମୟୂରଭଞ୍ଜ, କୋରାପୁଟ, ଗଞ୍ଜାମ, ଯାଜପୁରକୁ ୧୫ ଲେଖାଏ, ଢେଙ୍କାନାଳ ୧୪, ରାଉରକେଲା ୨୨, ଗଜପତି, କଳାହାଣ୍ଡି, ଝାରସୁଗୁଡା, ନୟାଗଡ଼, ମାଲକାନାଗିରି, କନ୍ଧମାଳ, କେନ୍ଦ୍ରାପଡା, ରାୟଗଡ଼ା, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧାକୁ ୧୦ ଲେଖାଏ, ସୁବର୍ଣ୍ଣପୁରକୁ ୮, ଦେବଗଡ଼କୁ ୪, ପୁରୀକୁ ୧୪,ବୌଦ୍ଧ ଜିଲାକୁ ୬ଟି ମେଶିନ ଦିଆଯାଇଛି।

## ବେକରେ ଗାମୁଛା ବାନ୍ଧି ଛାତ୍ରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୩୦।୯(ବ୍ୟୁରୋ):** ପାଠ ନ ପଢିବାରୁ ମା'ତାଗିଦ୍ କରିଥିଲେ। ଏହାର କିଛି ସମୟ ପରେ ମା'ଓ ବାପା ପୁଅର ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବାକୁ ଚାଲିଯାଇଥିଲେ। ଘରେ କେହି ନ ଥିବାବେଳେ ଛାତ୍ର ଜଣକ ବେକରେ ଗାମୁଛା ବାନ୍ଧି ଲୁହା ପାଇପରେ ଝୁଲି ପଡିଥିଲେ। ନୟାପଲ୍ଲୀ ଥାନା ସାଲିଆସାହି ଶ୍ରୀରାମନଗରରେ ଘଟିଛି ଏହି ଦୁଃଖଦ ଘଟଣା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଆତ୍ମହତ୍ୟା କରିଥିବା ଛାତ୍ର ଜଣକ ହେଲେ ବାପୁଜୀ ମଲ୍ଲିକ(୧୨)। ସେ ଆଇଆର୍‌ସି ଭିଲେଜରେ ଥିବା ଏକ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢନ୍ତି।

### ■ ହସ୍ପିଟାଲ, ଆର୍‌ଟିଓରେ ଚଢ଼ାଉ
# ପଞ୍ଚମ ଦିନରେ ୨୬ ଦଲାଲ ଗିରଫ

ଭୁବନେଶ୍ୱର,୩୦।୯(ବ୍ୟୁରୋ)
କଟକ ଅଫିସ

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପୋଲିସ ଦଲାଲ ଧରପଗଡ଼ ଅଭିଯାନକୁ ଜୋର୍‌ଦାର କରିଛି। ସ୍ପେଶାଲ ଡ୍ରାଇଭ୍‌ର ୫ମ ଦିନ ସୋମବାରରେ ରାଜ୍ୟର ବିଭିନ୍ନ ହସ୍ପିଟାଲରୁ ୮ ଓ ଆର୍‌ଟିଓରୁ ୧୮ଜଣ ଦଲାଲଙ୍କୁ ପୋଲିସ ଗିରଫ କରିଛି। ଭୁବନେଶ୍ୱର ଆର୍‌ଟିଓରୁ ସର୍ବାଧିକ ୮ଜଣ ଗିରଫ ହୋଇଥିବାବେଳେ ଯାଜପୁର ଆର୍‌ଟିଓରୁ ୧, କେନ୍ଦ୍ରାପଡାରୁ ୨, ପୁରୀରୁ ୨, ନୟାଗଡ଼ରୁ ୧, ଗଜପତି ଆର୍‌ଟିଓରୁ ୨, ରାଉରକେଲା ଓ ସୋନପୁର ଆର୍‌ଟିଓରୁ ଜଣେ ଲେଖାଏ ଦଲାଲ ଧରାପଡ଼ିଛନ୍ତି। ସେହିଭଳି କଟକ ବଡ଼ମେଡିକାଲରୁ ୨ଜଣ, ଗଜପତି ମେଡିକାଲରୁ ୧, ସୋନପୁର ହସ୍ପିଟାଲରୁ ୨ ଓ ଦେବଗଡ଼ରୁ ୩ ଗିରଫ ହୋଇଛନ୍ତି ବୋଲି ପୋଲିସ ଡିଜି ବି.କେ. ଶର୍ମା କହିଛନ୍ତି।

ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ପତିଙ୍କ ନେତୃତ୍ୱରେ ଗଠିତ ଟିମ୍ ଭୁବନେଶ୍ୱରସ୍ଥିତ ଆର୍‌ଟିଓ-୧ରେ ଚଢ଼ାଉ କରି ୮ଜଣ ଦଲାଲଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ରସୁଲଗଡ

### ଭୁବନେଶ୍ୱର ଆର୍‌ଟିଓରୁ ସର୍ବାଧିକ ୮ ଗିରଫ

ପଳାଶୁଣୀ ଅଞ୍ଚଳର ଲଳିତ ମୋହନ ମହାପାତ୍ର(୪୫), ଜଗତ୍‌ସିଂହପୁର ନାଉଗାଁ ଅଞ୍ଚଳର ଭାଗ୍ୟବନ୍ତ ପାତ୍ରୀ(୨୫) ଓ ରଶ୍ମୀରଞ୍ଜନ ସ୍ୱାଇଁ(୩୬), ଶୈଳଶ୍ରୀବିହାର ଅଞ୍ଚଳର ପ୍ରତାପ କୁମାର ନାୟକ(୫୩), ଲକ୍ଷ୍ମୀସାଗର ଅଞ୍ଚଳର ପ୍ରଫୁଲ୍ଲ କୁମାର ସ୍ୱାଇଁ(୪୨), ମଞ୍ଚେଶ୍ୱର ପାଣ୍ଡରା ଅଞ୍ଚଳର ରାଧାକୃଷ୍ଣ ମିଶ୍ର(୫୨), ନନ୍ଦନକାନନ ଗଣ୍ଡରପୁର ଅଞ୍ଚଳର ଦେବରାଜ ବେହେରା(୪୬)।

ସେହିଭଳି ଏସ୍‌ସିବି ମେଡିକାଲରୁ ୨ଜଣ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଥାନା ଅନ୍ତର୍ଗତ ମହ୍ଲାସାହିର ଗିରିଶ କୁମାର ମହାନ୍ତି ଓ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ବାରବାଟିଆର ସୁବଳ ଚରଣ ଦାସ। ଏ ନେଇ ଥାନାରେ ଏକ ମାମଲା(ନଂ. ୨୨୮/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ଦୁଇଜଣ ଦଲାଲ ଏସ୍‌ସିବି ମେଡିକାଲରେ ରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ଘରୋଇ କ୍ଲିନିକରେ ଚିକିତ୍ସା କରାଇବା ପାଇଁ ପ୍ରବର୍ତ୍ତାଉଥିଲେ। ଏକ ନିର୍ଦ୍ଦିଷ୍ଟ ଘରୋଇ କ୍ଲିନିକରେ କମ୍ ପଇସାରେ ଉନ୍ନତମାନର ଚିକିତ୍ସା କରାଯାଉଛି ବୋଲି ଦଲାଲ କହିଥିଲେ। ଏ ସମ୍ପର୍କରେ ସାଦା ପୋଷାକରେ ଥିବା ପୋଲିସ ଜାଣିବା ପରେ ଉଭୟଙ୍କୁ ମେଡିକାଲର ବ୍ଲଡବ୍ୟାଙ୍କ ନିକଟରୁ କାବୁ କରିଥିଲା। ରବିବାର ପୋଲିସ ଏସ୍‌ସିବି ମେଡିକାଲରେ ଚଢାଉ କରି ୫ ଜଣ ଦଲାଲଙ୍କୁ ଗିରଫ କରିଥିଲା।

ଅନ୍ୟପକ୍ଷରେ କେଉଁ ମାପଦଣ୍ଡ ଆଧାରରେ ଦଲାଲଙ୍କୁ ଚିହ୍ନଟ କରାଯାଉଛି ତାହାକୁ ନେଇ ଏବେ ଆଇନଜୀବୀ ପ୍ରଶ୍ନ ଉଠାଇଛନ୍ତି। ଅନେକ ସମୟରେ ଯେଉଁମାନେ କାନ୍ଧରେ ବ୍ୟାଗ୍ ପକାଇ ହସ୍ପିଟାଲକୁ ଯାଉଛନ୍ତି ପୋଲିସ ସେମାନଙ୍କୁ ଗିରଫ କରି ନେଉଥିବା ଅଭିଯୋଗ ଆସୁଛି। ପ୍ରକୃତରେ ଯେଉଁମାନେ ଦଲାଲ ସେମାନଙ୍କର ହସ୍ପିଟାଲ ଫାଣ୍ଡିପୋଲିସ ସହ ଲିଙ୍କ୍ ରହୁଛି। ପୋଲିସ ଚଢାଉ ପୂର୍ବରୁ ସେମାନେ ଦଲାଲମାନଙ୍କୁ ସୂଚନା ଦେଉଛନ୍ତି ଆଇନଜୀବୀ ଦୁର୍ଗାପ୍ରଦାସ ମିଶ୍ର କହିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ନନ୍ଦିନୀ ପଟ୍ଟନାୟକ


ସୁଶାନ୍ତ କୁମାର ସେଠୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଆର୍‌ଟିଓ-୧ ପାର୍ଶ୍ୱରୁ ହଟିଲା ଦଲାଲଙ୍କ ଆଡ୍ଡା

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

### ■ ମାଟିରେ ମିଶିଲା ୬୬ ପିଣ୍ଡି, ଅସ୍ଥାୟୀ ଘର
### ■ ଭଙ୍ଗାଗଲା ବହୁ ଦୋକାନ, ହୋଟେଲ, ମନ୍ଦିର

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)-୧ରେ ରାଜ୍ କରୁଥିଲେ ଦଲାଲ। ସମ୍ମୁଖରେ ସରକାରୀ ଜାଗାରେ ବସାଉଠା କରୁକରୁ ଏହାକୁ ଭାଗବାଣ୍ଟି କବ୍‌ଜା କରିନେଇଥିଲେ। ମୁଣ୍ଡ ଉପରେ ଜରିପାଲରୁ ଆଜ୍‌ବେଷ୍ଟସ୍ ଓ ତଳେ ଟେବୁଲ, ଚେୟାର ପକାଇ ଡ୍ରାଇଭିଂ ଲାଇସେନ୍ସଠାରୁ ଆରମ୍ଭ କରି ଗାଡ଼ି ରେଜିଷ୍ଟ୍ରେଶନ ସବୁକିଛି କଲେ। ସେପଟେ ଆଉକିଛି ଜାଗାକୁ କବ୍‌ଜା କରି ସମ୍ପର୍କୀୟ ଓ ଅନ୍ୟମାନଙ୍କୁ ଲଗାଇ ବେପାର ବଢ଼ାଇଲେ। ଏବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଟିଓରୁ ଦଲାଲ ହଟାଇବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ପ୍ରଥମେ ଆର୍‌ଟିଓ-୧ ଅଫିସ ପରିସର ଓ ବାହାରେ ଦଲାଲ ଧରପଗଡ଼ କରାଯାଇଥିଲା। ସୋମବାର ଏହା ସମ୍ମୁଖ ଓ ପାର୍ଶ୍ୱରୁ ଦଲାଲଙ୍କ ଆଡ୍ଡାସ୍ଥଳ ୬୬ ପିଣ୍ଡିକୁ ଉଚ୍ଛେଦ କରାଯାଇଛି। ଏଥିସହ ଅସ୍ଥାୟୀ ଘର, କ୍ୟାଭିନ୍, ଓମ୍‌ଫେଡ୍ ବୁଥ୍, ଓପୋଲୋଫେଡ୍, ହୋଟେଲ, ହନୁମାନ ମନ୍ଦିର ଓ ୬୦ ଫୁଟ ଲମ୍ବର କାନ୍ଥକୁ ମିଳିତ ଉଚ୍ଛେଦକାରୀ ଟିମ୍ ମାଟିରେ ମିଶାଇଦେଇଛି। ଉଚ୍ଛେଦ ବେଳେ ଶହୀଦନଗର ପୋଲିସ କେତେଜଣ ଦଲାଲଙ୍କୁ କାବୁ କରିଥିବା ଜଣାପଡିଛି।

ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ମିଳିତ ଟିମ୍ ଗଠନ କରାଯାଇଥିଲା। ବୁଲ୍‌ଡୋଜର ସାହାଯ୍ୟରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ଏହାପରେ ବାହାରିଥିବା ସମସ୍ତ ଆସବାବପତ୍ର ଓ ଅନ୍ୟ ସାମଗ୍ରୀକୁ ବିଏମ୍‌ସି ଟ୍ରକ୍‌ରେ ସ୍ଥାନାନ୍ତରିତ କରି ସ୍ଥାନ ସଫା କରିଥିଲା। ୩ ବର୍ଷ ତଳେ ଏପରି ଉଚ୍ଛେଦ କରାଯାଇଥିଲା। କିନ୍ତୁ ପରେ ପୁଣି ଜବରଦଖଲ ହୋଇଥିଲା। ଏବେ ଉକ୍ତ ସ୍ଥାନକୁ ତାରବାଡ ବୁଲାଯିବା ସହ ଏଠାରେ ଲୋକଙ୍କ ପାଇଁ ପାର୍କିଂ ବ୍ୟବସ୍ଥା କରାଯିବ ବୋଲି ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଅଧିକାରୀ ପ୍ରମୋଦ ପାତ୍ର କହିଛନ୍ତି। ଏହି ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଆଡିଶନାଲ କମିଶନର ହରିଶଚନ୍ଦ୍ର ନାୟକ, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ମହାନ୍ତି, ଏସିପି ଅନିଲକୁମାର ମିଶ୍ରଙ୍କ ସହ ଦେଢ ପ୍ଲାଟୁନ୍ ପୋଲିସ୍ ଫୋର୍ସ, ଗୋଟିଏ ସେକ୍ସନ ମହିଳା ପୋଲିସ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଆଚାର୍ଯ୍ୟବିହାର ନିକଟ ଆର୍‌ଟିଓ-୧ ପାର୍ଶ୍ୱରୁ ଉଚ୍ଛେଦ କରାଯାଉଛି।

### ଆଜି ଆର୍‌ଟିଓ-୨ ପାର୍ଶ୍ୱରୁ ଉଚ୍ଛେଦ

ଆର୍‌ଟିଓ-୨କୁ ମଧ ଦଲାଲମୁକ୍ତ କରାଯିବ। ଏଥିସହ ଏହା ପରିସର ଓ ପାର୍ଶ୍ୱରୁ ମଙ୍ଗଳବାର ଜବରଦଖଲ ହଟାଯିବ। ଏଥିପାଇଁ ସମସ୍ତ ବ୍ୟବସ୍ଥା ହେବ। ସକାଳୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ। ଯାହା ବି ଜବରଦଖଲ ଅଛି ସେସବୁକୁ ଭଙ୍ଗାଯିବ ବୋଲି ମିଳିତ ଏନଫୋର୍ସମେଣ୍ଟ ଟିମ୍ ଅଧିକାରୀ ପ୍ରମୋଦ ପାତ୍ର କହିଛନ୍ତି।

### ଦଲାଲଙ୍କୁ ଖୋଜିଲେ ଆବେଦନକାରୀ

ଉଚ୍ଛେଦ ଚାଲିଥିବା ସମୟରେ ଲକ୍ଷ୍ମୀଧର ନାମକ ଜଣେ ଯୁବକ ଆସି ଜଣେ ଦଲାଲଙ୍କୁ ଖୋଜୁଥିଲେ। ସେ ଡିଏଲ ପାଇଁ ତାଙ୍କୁ ୧୮ଶହ ଟଙ୍କା ଦେଇଥିଲେ। ଆଉ ୧୭ଶହ ଟଙ୍କା ନେଇଥାନ୍ତେ। ତାଙ୍କ ଫୋନ୍ ନମ୍ବର ବନ୍ଦ ରହିଥିବାରୁ ତାଙ୍କୁ ଖୋଜିବା ପାଇଁ ଆସିଥିଲି ବୋଲି ସେ କହିଥିଲେ। ଏହି ସମୟରେ ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ପତି ଲକ୍ଷ୍ମୀଧରଙ୍କୁ କେତେଜଣ ଦଲାଲଙ୍କ ଫଟୋ ଦେଖାଇ ପଚରାଉଚରା କରିଥିଲେ। ହେଲେ ସମ୍ପୃକ୍ତ ଦଲାଲଙ୍କ ଫଟୋ ନ ଥିବା କହିବା ସହ ସେ ଏକ ଦୋକାନରେ ବସୁଥିଲେ ବୋଲି ଲକ୍ଷ୍ମୀଧର ଜଣାଇଥିଲେ।

### ବସ୍ତି ନିକଟ ଦୋକାନ, ଓପୋଲଫେଡ ଭଙ୍ଗାକୁ ବିରୋଧ

ଉଚ୍ଛେଦ ସମୟରେ ନିକଟ ବସ୍ତିକୁ ଲାଗିଥିବା ଏକ ଦୋକାନ ଘର ଭାଙ୍ଗିବାରୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଉଚ୍ଛେଦ ପରିସୀମା ମଧ୍ୟରେ ତାହା ରହୁ ନ ଥିବା କହି ସେମାନେ ଉଚ୍ଛେଦ ଟିମ୍ ସହ ଯୁକ୍ତିତର୍କ କରିଥିଲେ। ସେହିପରି ଆର୍‌ଟିଓ ନିକଟ ଓପୋଲୋଫେଡଟିକୁ ଭାଙ୍ଗିବା ସମୟରେ ମଧ ବିରୋଧ କରାଯାଇଥିଲା। ଆମର ସବୁ କାଗଜପତ୍ର ଠିକ୍ ଅଛି, କାହିଁକି ଉଚ୍ଛେଦ କରାଯାଉଛି ବୋଲି କହି ଦୋକାନୀ ଜଣକ ପ୍ରତିବାଦ କରିଥିଲେ। ବୁଝାଶୁଝା ପରେ ଉଚ୍ଛେଦ କରାଯାଇଥିଲା।

### ଇଟାଭାଟିରେ ନାବାଳକଙ୍କୁ ମାଡ଼ମାରି ହାତ ଭାଙ୍ଗିଦେବା ଘଟଣା
## ଶ୍ରମ ବିଭାଗ ସଚିବଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

କର୍ଣାଟକର କୁଲବର୍ଗୀ ଜିଲାରେ ଏକ ଇଟାଭାଟିରେ ନିୟୋଜିତ ବଲାଙ୍ଗୀରର ଜଣେ ନାବାଳକଙ୍କୁ ମାଡ଼ ମାରି ହାତ ଭାଙ୍ଗିଦେବା ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆରସି)। ଏହାସହ ରାଜ୍ୟର ଅନୁନ୍ନତ ଅଞ୍ଚଳର ଦାଦନ ଶ୍ରମିକଙ୍କ ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏନେଇ କମିଶନ ନିଜଆଡୁ ଏକ ମାମଲା ରୁଜୁ କରିବା ସହ ଶ୍ରମ ବିଭାଗ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ଅକ୍ଟୋବର ୨୮ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। କମିଶନ ଅଧକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ, ସଦସ୍ୟ ଜଷ୍ଟିସ୍ ରଘୁବୀର ଦାସ, ଅସୀମ ଅମିତାଭ ଦାଶ ଏହି ନୋଟିସ ଜାରି କରିଛନ୍ତି।

ସୂଚନାନୁଯାୟୀ, ୨୦୧୪ରେ ନାବାଳକଙ୍କୁ ଜଣେ ଦଲାଲ ଅର୍ଥ ପ୍ରଲୋଭନ ଦେଖାଇ କୁଲବର୍ଗୀ ଜିଲାର ଇଟାଭାଟିରେ ନିୟୋଜିତ କରିଥିଲେ। କିନ୍ତୁ ସେଠାରେ ନାବାଳକଙ୍କୁ ଅଧିକ କାମ କରିବାକୁ ମାଲିକ ବାଧ କରୁଥିଲେ। ଏଥିପାଇଁ ମାଡ଼ ମାରୁଥିଲେ। ଦିନେ ତାଙ୍କୁ ଇଟାଭାଟି ମାଲିକ ନିଷ୍ଠୁର ମାଡ଼ ମାରିବା ଯୋଗୁ ତାଙ୍କ ହାତ ଭାଙ୍ଗିଯାଇଥିଲା। ଏହି ଘଟଣାର ତଦନ୍ତ କରାଯାଇଛି କି ନାହିଁ, ମାମଲାର ସ୍ଥିତି କ'ଣ ସେନେଇ କମିଶନ ରିପୋର୍ଟ ତଲବ କରିଛନ୍ତି।

# ଭେଳାରେ ଶ୍ମଶାନ ନିଆଗଲା ମୃତଦେହ

ବ୍ରହ୍ମଗିରି, ୩୦।୯(ଡି.ଏନ୍.ଏ.)

ହିନ୍ଦୁ ଧର୍ମ ଅନୁଯାଇ, ମଣିଷ ମଲାପରେ ୬ଖଣ୍ଡ କାଠରେ ତିଆରି କୋକେଇରେ ୪ ବାହାକଙ୍କ କାନ୍ଧରେ ଶ୍ମଶାନ ପର୍ଯ୍ୟନ୍ତ ଯାଇଥାଏ। ମାତ୍ର ଭାଗ୍ୟର ବିଡମ୍ବନା ଯୋଗୁ ଏକ ମୃତଦେହକୁ ଚାରି କାନ୍ଧ ବଦଳରେ ଭେଳାରେ ଶ୍ମଶାନ ନିଆଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗୌଡରଣପଡା ହରିଜନ ସାହିରେ। ଦୀର୍ଘ ଦିନରୁ ୧୫ ହରିଜନ ପରିବାର ଏଠାରେ ବସବାସ କରିଆସୁଛନ୍ତି। ଏମାନେ ଏଠାରେ ରହୁଥିଲେ ମଧ ଏମାନଙ୍କ ଯାତାୟତ ପାଇଁ ଭଲ ରାସ୍ତାଟେ ନାହିଁ। ବର୍ଷା ହେଲେ ଏମାନଙ୍କ ଦୁର୍ଦ୍ଦଶା ବଢିଯାଏ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସୋମବାର। ସୋମବାର ଏହି ଗ୍ରାମର କୁନି ଭୋଇଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ବର୍ଷା ଯୋଗୁ ଏହି ଗାଁଟି ଜଳାର୍ଣ୍ଣବ ଥିବାରୁ ଯାତାୟତ ପାଇଁ ରାସ୍ତା ନାହିଁ। ଫଳରେ କୁନିଙ୍କ ମୃତଦେହକୁ ପାଣି ମଧରେ ଭେଳା ଦ୍ୱାରା ନିଆଯାଇଥିଲା।


ଭେଳାରେ ଶ୍ମଶାନକୁ ନିଆଯାଉଛି ମୃତଦେହ।

# ତେଜିଲା ଅନୁଭବ, ମଞ୍ଜିତ ତିକ୍ତତା

ଭୁବନେଶ୍ୱର,୩୦।୯(ବ୍ୟୁରୋ)

### ମଝିରେ ଫସିଲା ପୋଲିସ
### ■ ଦୁର୍ବ୍ୟବହାର ନେଇ କମିଶନରଙ୍କୁ ଜଣାଇଲେ ଅନୁଭବ

ପୁଣି ଚର୍ଚ୍ଚାରେ ଅଭିନେତା ତଥା କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି। ପଡୋଶୀ ତଥା ଛାତ୍ର ବିଜେଡି ଉପସଭାପତି ମଞ୍ଜିତ ଦାସ ଓ ଅନୁଭବଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ଏବେ ପଦାକୁ ଆସିଛି। ସୋମବାର ଏହା ଆହୁରି ତେଜିଥିବାବେଳେ ମଝିରେ ଫସିଯାଇଛି ପୋଲିସ। ମଞ୍ଜିତ ଓ ପୁରୀଘାଟ ଥାନାଧିକାରୀ ତାଙ୍କୁ ଦୁର୍ବ୍ୟବହାର କରିଥିବାନେଇ ଅନୁଭବ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଟୁଇଟ୍ ଅଭିଯୋଗ କରିବା ପରେ ଘଟଣାକୁ ନେଇ ସୋମବାର ଦିନତମାମ ଚର୍ଚ୍ଚା ଜୋର୍ ଧରିଛି।

କଟକ ନନ୍ଦିସାହିରେ ଏମ୍‌ପି ଅନୁଭବ ମହାନ୍ତିଙ୍କ ଘର ସମ୍ମୁଖରେ ରୁହନ୍ତି ମଞ୍ଜିତଙ୍କ ପରିବାର। ରବିବାର ରାତିରେ ଘର ନିକଟରେ ମଞ୍ଜିତଙ୍କ ସହ ମଦନ ଆଶା, ଚନ୍ଦୁ ନାମକ କେତେଜଣ ଯୁବକ ବସିଥିଲେ। ରାତି ପ୍ରାୟ ୧୨ଟା ୩୦ରେ ସାମାନ୍ୟ କଥାକୁ ନେଇ ମଦନ ଓ ଚନ୍ଦୁଙ୍କ ମଧ୍ୟରେ କଥା କଟାକଟିରୁ ଗଣ୍ଡଗୋଳ ହୋଇଥିଲା। ଅନୁଭବଙ୍କ ଅଭିଯୋଗ ହେଲା, ପାଟିତୁଣ୍ଡ ଶୁଣି ସେ ଘରୁ ବାହାରି ଆସି ସମାଧାନ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିଶାରେ ଥିବା ମଞ୍ଜିତ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ସେ ପୁରୀଘାଟ ଥାନାକୁ ଫୋନ୍ କରିଥିଲେ। ଥାନା ଅଧିକାରୀ ରଶ୍ମୀରଞ୍ଜନ ସାହୁ ସେଠାରେ ପହଞ୍ଚି ମଞ୍ଜିତଙ୍କୁ ଗିରଫ କରିବା ବଦଳରେ ଓଲଟା ତାଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ଅନୁଭବ ଜଣାଇଛନ୍ତି। ଉକ୍ତ ଟୁଇଟ୍‌ରେ ସେ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନର ଭିଡିଓ ମଧ କମିଶନରଙ୍କୁ ପୋଷ୍ଟ କରିଛନ୍ତି। ତେବେ କଟକ ଡିସିପି ଅଖିଳେଶ୍ୱର ସିଂ ଅନୁଭବଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଥାନା ଅଧିକାରୀ ଭସାଣି କାର୍ଯ୍ୟରେ ଥିଲେ। ସେ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରିବୁଝିବା ସହ ଥାନାରେ ଅଭିଯୋଗ କରିବାକୁ ଅନୁଭବଙ୍କୁ କହିଥିଲେ। ଅନୁଭବ ଲିଖିତ ଅଭିଯୋଗ କରିବା ପରେ ଗଣ୍ଡଗୋଳ ଓ ପୋଲିସ ଦୁର୍ବ୍ୟବହାରର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି। ଥାନାଧିକାରୀ ସାହୁ କହିଛନ୍ତି, ଅନୁଭବଙ୍କୁ ସେଭଳି କିଛି ଦୁର୍ବ୍ୟବହାର କରାଯାଇନାହିଁ। ସେ ଅତିରଞ୍ଜିତ କରି କହୁଛନ୍ତି। ତେବେ ସୋମବାର ଅପରାହ୍ନରେ ମଞ୍ଜିତ ଓ ଅନ୍ୟକେତେଜଣଙ୍କ ବିରୋଧରେ ମଦନ ଥାନାରେ ଅଭିଯୋଗ କରିଛନ୍ତି। ଆଇପିସି ଦଫା ୩୪୧, ୩୨୩, ୨୯୪, ୩୦୭, ୫୦୬, ୩୭୯ ଓ ୩୪ ଅନୁଯାୟୀ ମାମଲା (ନଂ.୨୧୧/୧୯) ରୁଜୁ କରାଯାଇ ତଦନ୍ତ ଚାଲିଛି।

ମଞ୍ଜିତ କହିଛନ୍ତି, ତାଙ୍କ ଘର ଆଗରେ ଅନୁଭବ ସବୁବେଳେ ଗାଡ଼ି ପାର୍କିଂ କରୁଥିଲେ। ସମସ୍ୟା ହେବାରୁ ସେ ଗାଡି ରଖିବା ପାଇଁ ମନା କରି ଦେଇଥିଲେ। ଏହାକୁ ନେଇ ଅନୁଭବ ରାଗ ରଖିଥିଲେ। ତେଣୁ ସେ ଏଭଳି ମିଥ୍ୟା ଅଭିଯୋଗ ଆଣୁଛନ୍ତି। ତାଙ୍କୁ ଦୁର୍ବ୍ୟବହାର କରି ନ ଥିବା ସେ କହିଛନ୍ତି। ଅନୁଭବ କହିଛନ୍ତି, ମଞ୍ଜିତ ମୋ ସାନଭାଇ ପରି। ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ମୁଁ ଯୋଗଦେଇଛି। କିନ୍ତୁ ସେ ନିଶାଗ୍ରସ୍ତ ଅବସ୍ଥାରେ ମୋତେ ଦୁର୍ବ୍ୟବହାର କଲେ। ଥାନାଧିକାରୀଙ୍କ ବ୍ୟବହାର ମଧ ମୋତେ ଭଲ ଲାଗିଲାନି। ଜଣଙ୍କ ପାଇଁ ମୁଁ ସମସ୍ତ ପୋଲିସକୁ ଦାୟୀ କରୁନି। ମୁଁ ଥାନାରେ ଅଭିଯୋଗ କଲାପରେ ବି ସେ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଭରସା ଅଛି, ମୋତେ ନ୍ୟାୟ ମିଳିବ।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ସତ୍ୟଭାମାପୁରରେ ଶିଶୁ ପ୍ରତିଭା ଅନ୍ୱେଷଣ

ବାଲିଅନ୍ତା,୩୦।୯(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ଏକ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ବାପୁ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧରେ ସମିତିସଭ୍ୟ ସନ୍ତ ସ୍ୱାଇଁ, ଶିକ୍ଷାବିତ ବିଧୂଭୂଷଣ ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ସିପ୍ରା ମିଶ୍ର, ସନ୍ତୋଷ ସେନାପତି, ପ୍ରମୁଖ ଯୋଗଦେଇଥିଲେ।

### କୋଲକାତାରେ ଶିଳ୍ପୀ ପଞ୍ଚାନନ ସାମଲଙ୍କ ଚିତ୍ରକଳା ପ୍ରଦର୍ଶନୀ

ପୁରୁଣା ଭୁବନେଶ୍ୱର, ୩୦। ୯ (ଡି.ଏନ.ଏ.): ଓଡ଼ିଶାରେ ବାତ୍ୟା ଫନୀର ଦୃଶ୍ୟପଟକୁ ନେଇ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷଙ୍କ ତିନୋଟି ସମସାମୟିକ ସୃଜନଶୀଳ ଚିତ୍ରକଳା କୋଲକାତା ବିର୍ଲା ଏକାଡ଼େମୀ ଅଫ ଆର୍ଟ ଆଣ୍ଡ କଲଚରଠାରେ ରାହା କ୍ରିଷ୍ଟି ଫାଉଣ୍ଡେଶନ ଆନୁକୂଲ୍ୟରେ ଏକ ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଯାଇଛି। ପ୍ରଦର୍ଶିତ ଚିତ୍ରଗୁଡ଼ିକ ମଧରୁ ଦୁଇଟି ଚିତ୍ରର ଶୀର୍ଷକ 'ଫନୀ' ଥିବାବେଳେ ଅନ୍ୟ ଚିତ୍ରଟିର ଶୀର୍ଷକ ଥିଲା 'ଭୟ'। ଚିତ୍ର ତିନୋଟିରେ ବାତ୍ୟା ଫନୀର ଭୟଙ୍କର ବିଭୀଷିକାକୁ ସୃଜନଶୀଳ ଢଙ୍ଗରେ ଉପସ୍ଥାପନ କରିଥିଲେ ଶିଳ୍ପୀ ସାମଲ। ସାମଲଙ୍କ ସହ କୋଲକାତା, ନୂଆଦିଲ୍ଲୀ, ଝାଡଖଣ୍ଡ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶର ଚିତ୍ରଶିଳ୍ପୀମାନେ ଏହି ପ୍ରଦର୍ଶନୀରେ ନିଜ ନିଜ ଚିତ୍ର, ଭାସ୍କର୍ଯ୍ୟ ଓ ଫଟୋଗ୍ରାଫି ପ୍ରଦର୍ଶନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ପଞ୍ଚାନନଙ୍କ ଚିତ୍ର ଉତ୍କୃଷ୍ଟ ଚିତ୍ର ବୋଲି ବିବେଚିତ ହେବା ସହ ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମସାମୟିକ ଚିତ୍ରକଳା ପ୍ରଦର୍ଶନୀଟି ସେପ୍ଟେମ୍ବର ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

### ଅନ୍ତର୍ଜାତୀୟ ବଧିର ଦିବସ ପାଳିତ

ନରାଜ,୩୦।୯(ଡି.ଏନ୍.ଏ.)- ବାରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୋମବାର ନରଣପୁର ଉ:ପ୍ରା ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ବଧିର ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିଭିନ୍ନ ସ୍କୁଲରୁ ଆସିଥିବା ବଧିର ପିଲା ଓ ତାଙ୍କର ଅଭିଭାବକଙ୍କୁ ନେଇ ତ୍ରିଶୁଳିଆ ବଜାର ଦେଇ ଏକ ପ୍ରଭାତ ପରିକ୍ରମା କରାଯାଇ ବଧିରଙ୍କ ଅଧିକାର ସମ୍ପର୍କିତ ସୋଗ୍ଲାନ ଦେଇ ଜନସଚେତନତା କରାଯାଇଥିଲା। ସ୍କୁଲ ପରିସରରେ ପିଲାଙ୍କ ମଧରେ ଏକ ପେଣ୍ଟିଂ, ଡ୍ରଇଂ,ମ୍ୟୁଜିକ୍ ଚେୟାର ଓ ବଲ ଥ୍ରୋଇଙ୍ଗ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଣ୍ଡଳ ଶିକ୍ଷା ଅଧିକାରୀ ନରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସହଶିକ୍ଷା ଅଧିକାରୀ ଭାରତୀ ଆଚାର୍ଯ୍ୟ, ସରୋଜିନୀ ସାହୁ, ନରଣପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ହରିଚନ୍ଦନ, ସିଆରସିସି ନାରାୟଣ ବେହେରା, ରବୀନ୍ଦ୍ର ସୋରେନ, କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ଭୀକ ଦୃଷ୍ଟିଭଙ୍ଗୀ ଥିଲା ମୋହିନୀମୋହନଙ୍କ ବିଶେଷତ୍ୱ

ଭୁବନେଶ୍ୱର,୩୦।୯(ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ଅନୁଷ୍ଠିତ 'ପୁସ୍ତକ ଚର୍ଚ୍ଚା' ରେ ଯୋଗଦେଇ ପ୍ରଫେସର ବାଉରୀବନ୍ଧ କର ମୋହିନୀମୋହନଙ୍କ ରଚିତ 'ବିବିଧ ପ୍ରସଙ୍ଗ' ଉପରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସଂସ୍କୃତି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେ କହିଲେ, ବ୍ୟାସକବି ଫକୀର ମୋହନଙ୍କ ପୁଅ ମୋହନୀମୋହନ ଦର୍ଶନର ଅଧାପକ ଥିଲେ। ଜୀବନଶୈଳୀ ଓ ନିର୍ଭୀକ ଦୃଷ୍ଟିଭଙ୍ଗୀ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏବଂ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ତମସାରାଣୀ ଦାସମହାପାତ୍ର ସ୍ୱାଗତ ଭାଷଣ ଓଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ଗାନ୍ଧୀ ଜୟନ୍ତୀରେ 'ମୁଁ ସଫେଇବାଲା' ଅଭିଯାନର ଶୁଭାରମ୍ଭ

# ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ଅନୁରୋଧ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ରାଜଧାନୀର ପରିମଳ ବ୍ୟବସ୍ଥା ସଜାଡ଼ିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବ୍ୟାପକ ପଦକ୍ଷେପ ନେଉଛି। ଏଥର କିଛି ନୂଆ ଢଙ୍ଗରେ ପରିମଳ ଓ ପରିବେଶ ସଚେତନତା ସୃଷ୍ଟି କରିବା ଲାଗି ବିଏମ୍‌ସି ଯୋଜନା କରିଛି। ଗାନ୍ଧୀ ଜୟନ୍ତୀରୁ ସ୍କୁଲ ପିଲାଙ୍କ ମାଧମରେ ସଚେତନତା କରିବାକୁ ସ୍ଥିର କରିଛି। ଏଥିପାଇଁ ସୋମବାର ସ୍ଥାନୀୟ ଇଡକଲ ଅଡିଟୋରିୟମ୍‌ରେ ରାଜଧାନୀର ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଆଲୋଚନା କରିଛନ୍ତି।

କମିଶନର ଚୌଧାରୀ କହିଛନ୍ତି, ଗୋଟିଏ ପରିବାରକୁ ସଚେତନ କରାଇବା ପାଇଁ ଆମକୁ ସେମାନଙ୍କ ନିକଟକୁ ଯିବା ଆବଶ୍ୟକ ନାହିଁ। ଉକ୍ତ ପରିବାରର କେହି ସ୍କୁଲରେ ପଢୁଥିବା ପିଲାକୁ ବର୍ଜ୍ୟ





କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟମାନେ।

ପରିଚାଳନା ନେଇ ସଚେତନ କରିଲେ ପରିବାର ଆପେ ହିଁ ସଚେତନ ହେବ। ଏହାସହ ଘରେ ସ୍ୱଚ୍ଛତା ଆପଣାଇବା, ଡଷ୍ଟବିନ୍ ବ୍ୟବହାର ଭଳି ବିଭିନ୍ନ ବିଷୟ ଉପରେ ପିଲାଙ୍କୁ ସଚେତନ କରାଯିବ। ଯାହାକି ସେମାନେ ନିଜ ଘରେ ଅଥବା ପରିବାରରେ ଉପଯୋଗ କରିବେ। ଯଦି ସବୁ ସ୍କୁଲରେ ଏଭଳି ସଚେତନତା ଦିଆଯାଏ ତା'ହେଲେ ସହର ନିଶ୍ଚୟ ସ୍ୱଚ୍ଛ ହୋଇପାରିବ। ଅକ୍ଟୋବର ୨ରୁ ସହରରେ 'ମୁଁ ସଫେଇବାଲା' ନାମକ ଏକ ଅଭିଯାନ ଆରମ୍ଭ ହେବ। ଯାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ବୋଲି ଚୌଧାରୀ କହିଥିଲେ।

ଆହୁରି ସେ କହିଥିଲେ, ଅକ୍ଟୋବର ୨ରେ ରାଜଧାନୀର ବିଭିନ୍ନ ସ୍କୁଲରେ ଏ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ପିଲାଙ୍କୁ ବର୍ଜ୍ୟ ପରିଚାଳନା ନେଇ କିଛି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ପିଲାର ଉତ୍ତର ଅନୁସାରେ ତା'ର ପରିବାର ସହରର ସଫେଇ ବାଲା ପରିବାରରେ ଯାଉଛି କିମ୍ବା କଚରା ବାଲା ପରିବାରରେ ଯାଉଛି ତାହା ଜଣାପଡ଼ିଯିବ। ସ୍କୁଲରେ ପ୍ରତ୍ୟେକ ପିଲା ସହରର ଜଣେ ସଚେତନ ସଫେଇବାଲା ହେବାର ଶପଥ ପାଠ ନେବା ଜରୁରୀ ବୋଲି କହିବା ସହ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସ୍ୱଚ୍ଛତା ନେଇ ଶପଥ ପାଠ କରାଇଥିଲେ। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲରୁ ପ୍ରାୟ ୨୦୦ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିବାବେଳେ ଆଡିଶନାଲ କମିଶନର ଅବନି ପଟ୍ଟନାୟକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ, ଡେପୁଟି କମିଶନର ରୂପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଦୁଇଟି ପର୍ଯ୍ୟାୟରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୮୦ଟି ସାମାଜିକ ମଙ୍ଗଳ ସଙ୍ଗଠନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଉଲ୍ଲେଖଥାଉ କି, ଜଣେ ସଫେଇ ବାଲା ହେବା ପାଇଁ କ'ଣ କ'ଣ କରିବାକୁ ହେବ, ତା'ର ତାଲିକା ପିଲାଙ୍କୁ ଦିଆଯିବ। ଏଥିରେ ଘରେ ପଲିଥିନ୍ ବ୍ୟବହାର ନ କରିବା, ଓଦା ଅଳିଆର ପରିମାଣ କମାଇବା, ଦୁଇଟି ଅଳିଆ ଡବା ବ୍ୟବହାର କରି ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ୍ ପୃଥକ୍ ରଖିବା। ଛାତ୍ରୀଛାତ୍ରମାନେ ଯାହା ଶିଖିବେ ତାକୁ ଘରେ କରିବେ ଓ ଘରଲୋକଙ୍କୁସଚେତନ କରାଇବେ ବୋଲି ଏହି ଅବସରରେ ପ୍ରକାଶ ପାଇଥିଲା।

### ହଜିଥିବା ୨୭ ହଜାର ଟଙ୍କା ଫେରି ପାଇଲେ ଅନୀତା

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ଖଣ୍ଡଗିରି ଅଞ୍ଚଳରେ ଯିବାବେଳେ ଅସାବଧାନତା ବଶତଃରୁ ଅନୀତା ସାହୁଙ୍କ ଟଙ୍କାବ୍ୟାଗ ହଜି ଯାଇଥିଲା। ହେଲେ ଜଣେ ପଥଚାରୀ ଉକ୍ତ ବ୍ୟାଗକୁ ରାସ୍ତାରୁ ପାଇ ଟ୍ରାଫିକ ପୋଷ୍ଟରେ ଡ୍ୟୁଟି କରୁଥିବା ଜଣେ କର୍ମଚାରୀଙ୍କୁ ଦେଇଥିଲେ। ଟ୍ରାଫିକ କର୍ମଚାରୀ ଉକ୍ତ ବ୍ୟାଗକୁ ଯାଞ୍ଚ କରିବାରୁ ତା' ଭିତରେ ୨୭ ହଜାର ଟଙ୍କା ଥିବା ଦେଖି ଏଜି ଛକ ସ୍ଥିତ ଟ୍ରାଫିକ କାର୍ଯ୍ୟାଳୟରେ ବ୍ୟାଗକୁ ଜମା କରିଥିଲେ। ଏ ନେଇ ପୋଲିସ ତଦନ୍ତ କରି ଉକ୍ତ ବ୍ୟାଗ ଅନୀତାଙ୍କର ବୋଲି ଜାଣିବାକୁ ପାଇଥିଲା। ସୋମବାର ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଅନୀତାଙ୍କୁ ଉକ୍ତ ବ୍ୟାଗ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ହସ୍ତାନ୍ତର କରିଥିଲେ। ଟଙ୍କାବ୍ୟାଗ ପାଇଥିବା ବ୍ୟକ୍ତି ଜଣଙ୍କ ପରିଚୟ ମିଳିପାରିନଥିବାରୁ ତାଙ୍କୁ ଯୋଗଯୋଗ କରିବା ନେଇ ପୋଲିସ ପ୍ରୟାସ କରୁଛି।

## ୩୮ କେଜି ଗଞ୍ଜେଇ, ଟଙ୍କା ଜବତ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

**ଅଭିଯୁକ୍ତ ଗିରଫ**

ଖଣ୍ଡଗିରି ଥାନା ଅଞ୍ଚଳରେ ଗଞ୍ଜେଇ ବିକ୍ରି ଅଭିଯୋଗରେ ପୋଲିସ ପ୍ରଫୁଲ୍ଲ ଜେନା ନାମକ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୩୮ କେଜି ଗଞ୍ଜେଇ ସହ ୯୧ ହଜାର ଟଙ୍କା ଜବତ କରାଯାଇଛି। ତାଙ୍କ ଘର ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ହୋଇଥିବାବେଳେ ସେ ଖଣ୍ଡଗିରି ଥାନା ଅଧୀନ ତପୋବନ ବସ୍ତିରେ ରହୁଥିଲେ। ପୋଲିସ ସୂତ୍ରରୁ ପ୍ରକାଶ, ଖଣ୍ଡଗିରି ଥାନା ନିକଟ ଏକ ପେଟ୍ରୋଲ ପମ୍ପଠାରେ ପ୍ରଫୁଲ୍ଲ ଗଞ୍ଜେଇ ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ଗ୍ରାହକ ବେଶରେ ଏଏସ୍‌ଆଇ ନିରଞ୍ଜନ ଜେନା ତାଙ୍କ ନିକଟରେ ପହଞ୍ଚିଥିଲେ। ଗଞ୍ଜେଇ ଦରକାର ବୋଲି କହି ତାଙ୍କ ଘରକୁ ଯାଇଥିଲେ। ପୂର୍ବ ଯୋଜନା ମୁତାବକ ଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରି ପ୍ରଫୁଲ୍ଲଙ୍କୁ ଗିରଫ କରିବା ସହ ୧୦ କେଜି ଗଞ୍ଜେଇ ଜବତ କରିଥିଲେ। ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ରହୁଥିବା ତପୋବନବସ୍ତିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ପରେ ଉକ୍ତ ଘରୁ ୨୮ କେଜି ଗଞ୍ଜେଇ ଓ ୯୧ ହଜାର ଟଙ୍କା ଜବତ କରିଥିଲା। ପ୍ରଫୁଲ୍ଲ ଫୁଲବାଣୀ ଓ ଗଞ୍ଜାମ ଜିଲାରୁ ଚୋରାରେ ଗଞ୍ଜେଇ ଆଣି ରାଜଧାନୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବିକ୍ରି କରୁଥିବା ପୋଲିସ ଜାଣିବାକୁ ପାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୫୪୦/୧୯) ରୁଜୁ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେଠାରେ ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ନିଖିଳ ଉତ୍କଳ ବୈଦିକ ପରିଷଦର ୧୩ତମ ସଭା

ଭୁବନେଶ୍ୱର, ୩୦।୯(ବ୍ୟୁରୋ)

ନିଖିଳ ଉତ୍କଳ ବୈଦିକ ପରିଷଦ ପକ୍ଷରୁ ଦାରୁଠେଙ୍ଗସ୍ଥିତ ବାଲୁଙ୍କେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ୧୩ତମ ସଭା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ୮୦ ଜଣ ବିଦ୍ୱାନ୍ ବ୍ରାହ୍ମଣଙ୍କ ସମାଗମ ହୋଇଥିଲା। ଉକ୍ତ ବୈଠକରେ ବ୍ରାହ୍ମଣମାନଙ୍କ ମୌଳିକ ସମସ୍ୟା ନେଇ ଆଲୋଚନା କରାଯିବା ସହ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ସଭା ପ୍ରାରମ୍ଭରେ ଦାରୁଠେଙ୍ଗ ଗ୍ରାମର ବ୍ରାହ୍ମଣ ସମିତି ସଭାପତି ପ୍ରାଣବନ୍ଧୁ ଶର୍ମା ସମସ୍ତ ବିଦ୍ୱାନ୍ ବ୍ରାହ୍ମଣଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ସଭାରେ ବେଦ ବେଦାନ୍ତ ଓ ଶାସ୍ତ୍ର ବିଷୟରେ ଆଲୋଚନା କରାଯାଇଥିଲା। ପରିଷଦର ସଭାପତି ଉଲ୍ଲାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱ ଓ ସମ୍ପାଦକ ଅମୂଲ୍ୟ ଦାଶଙ୍କ ସମ୍ପାଦନାରେ ସଭାକାର୍ଯ୍ୟ ଆଗକୁ ବଢ଼ିଥିଲା।

## ଜିଆଇଇଏମ୍‌ର ପର୍ଯ୍ୟଟନ ଦିବସ ପାଳନ





ସଚେତନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧାପକଙ୍କ ସହ ଛାତ୍ରୀଛାତ୍ର।

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ହୋଟେଲ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଜିଆଇଇଏମ୍ ପକ୍ଷରୁ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରୁ ରାମମନ୍ଦିର ପର୍ଯ୍ୟନ୍ତ ଆୟୋଜିତ ଏକ ଶୋଭାଯାତ୍ରାରେ ଜିଆଇଇଏମ କଲେଜର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏହାସହ ଓମ ଲିଜର ଗ୍ରୁପ୍ ପକ୍ଷରୁ ରେଳ ଷ୍ଟେଶନଠାରେ ସଫେଇ କାର୍ଯ୍ୟକ୍ରମରେ ମଧ ଛାତ୍ରୀଛାତ୍ର ସାମିଲ ଥିଲେ। ଏଥିରେ ଜିଆଇଇଏମ ଅଧକ୍ଷ ସରୋଜ କାନ୍ତ ସାହୁ, ଓମ ଲିଜର ନିର୍ଦ୍ଦେଶିକା ପ୍ରସାନ୍ତି ତ୍ରିପାଠୀ ଓ ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ ଯୋଗଦେଇଥିଲେ। ଚଳିତବର୍ଷର ବିଷୟବସ୍ତୁ 'ଟୁରିଜିମ ଏବଂ ନିଯୁକ୍ତି ଏକ ସୁନ୍ଦର ଭବିଷ୍ୟତ ସମସ୍ତଙ୍କ ପାଇଁ' ଉପରେ ଜିଆଇଇଏମ ଅଧକ୍ଷ ଆଲୋକପାତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳକ ସଞ୍ଜୟ ବେଉରା, ବିଶ୍ୱରଞ୍ଜନ ସାହୁ, ଦିବ୍ୟଲୋଚନା ବାରିକ, ହୃଷିକେଶ ତ୍ରିପାଠୀ ଏବଂ ସତ୍ୟରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।

## ଡିସ୍‌ପୋଜେବଲ ବ୍ୟାଗ ଦେଇ ସଚେତନ କଲେ

ଭୁବନେଶ୍ୱର,୩୦।୯(ବ୍ୟୁରୋ)





**ଶେଷ ହେଲା ସ୍ୱଚ୍ଛତା ପଖୱାଡା**

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରେଳପଥ ପକ୍ଷରୁ ଚାଲୁଥିବା ସ୍ୱଚ୍ଛତା ପଖୱାଡା ସୋମବାର ଶେଷ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ.୬ରେ ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ଲାକାର୍ଡ, ଫ୍ଲେକ୍ସ, ଲିଫଲେଟ, ବ୍ରୋସର ଜରିଆରେ ଯାତ୍ରୀମାନଙ୍କୁ ସ୍ୱଚ୍ଛତା ବାର୍ତ୍ତା ଦିଆଯାଇଥିଲା। ପରେ ଏକ ନାଟକ ପରିବେଷଣ କରି ଯାତ୍ରୀମାନଙ୍କୁ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ବିଷୟରେ ବୁଝାଯାଇଥିଲା। ପ୍ଲାଷ୍ଟିକ କିଭଳି ବିଶ୍ୱକୁ ଗ୍ରାସ କରିସାରିଲାଣି ଏହି ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହାସହ ରେଳ ଷ୍ଟେଶନକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଶପଥ ଗ୍ରହଣ ହୋଇଥିଲା। ଏହି ଅବସରରେ ଯାତ୍ରୀମାନଙ୍କୁ ସଚେତନ କରିବାକୁ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ନେତୃତ୍ୱରେ ରେଳପଥ ପକ୍ଷରୁ ଡିସପୋଜେବଲ ବ୍ୟାଗ ବଣ୍ଟାଯାଇଥିଲା। ଏଥିରେ ଖୋର୍ଦ୍ଧାରୋଡ ରେଳ ମଣ୍ଡଳର ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ, ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଠାକୁରଙ୍କ ଆୟ ଉପରେ ଟ୍ୟାକ୍ସକୁ ନେଇ କ୍ଷୋଭ

ପୁରୁଣା ଭୁବନେଶ୍ୱର, ୩୦। ୯ (ଡି.ଏନ.ଏ.):

**ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ବୈଠକ**

ସୋମବାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ମଧବର୍ତ୍ତିକାଳୀନ ବୈଠକ ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର କମିଶନର ଚିତ୍ତରଞ୍ଜନ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଠାକୁରଙ୍କ କେତେ ଜମି ଜବରଦଖଲରେ ରହିଛି ସେଗୁଡ଼ିକୁ ଚିହ୍ନଟ କରାଯାଇ ଉଚ୍ଛେଦ କରାଯିବ। ମନ୍ଦିର ଭିତରେ ଥିବା ଦୁଇଟି ପ୍ରାଚୀନ କୂଅକୁ ସଫେଇ କରାଯିବା ସହ ଏହାକୁ ପାନୀୟ ଉପଯୋଗୀ କରାଯିବା ପାଇଁ ଆଲୋଚନା ହୋଇଥିଲା। ପର୍ଯ୍ୟଟନ ବିଭାଗ ପକ୍ଷରୁ ମନ୍ଦିର ପରିସରରେ ଲାଗିଥିବା ଦୁଇଟି ପ୍ଲାଷ୍ଟିକ୍ ପାଣି ଟାଙ୍କିକୁ ପରିବର୍ତ୍ତନ କରାଯିବାକୁ ପ୍ରସ୍ତାବ ରହିଥିଲା। ସିସିଟିଭିଗୁଡିକ ଯାଞ୍ଚ କରାଯିବ। ଟ୍ରଷ୍ଟବୋର୍ଡ଼ରେ ନିୟୋଜିତ ୭୦ବର୍ଷରୁ ଊର୍ଦ୍ଧ୍ୱ କର୍ମଚାରୀମାନଙ୍କୁ ଛଟେଇ କରାଯିବା ସହ ନୂତନ କର୍ମଚାରୀ ନିୟୋଜିତ ପାଇଁ ସ୍ଥିର ହୋଇଥିଲା। ଶ୍ରୀଲିଙ୍ଗରାଜଙ୍କ ରାଜସ୍ୱ ଉପରେ ଟ୍ୟାକ୍ସ କଟାଯାଉଥିବାରୁ ନ୍ୟାସି ମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିଲେ। ପ୍ରାୟ ୩ ଏକର ଜମିରେ ନିର୍ମିତ ଲିଙ୍ଗରାଜ ନିୟୁ ମାର୍କେଟ କମ୍ପ୍ଲେକ୍ସରେ ଭାଗବଣ୍ଟାରେ ପାତର ଅନ୍ତର ନେଇ ବୈଠକରେ ଗୁରୁତର ଭାବେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଦେବୋତ୍ତର କମିଶନର, ଟ୍ରଷ୍ଟବୋର୍ଡ଼, ଜିଲାପାଳଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକରେ ମାର୍କେଟ କମ୍ପ୍ଲେକ୍ସର ଗୃହ ବଣ୍ଟନକୁ ଶୃଙ୍ଖଳିତ କରାଯିବା ସହ ପୁଣି ଏକ ରିଜୋଲ୍ୟୁଶନ ପ୍ରସ୍ତୁତ କରାଯିବ। ବୈଠକରେ ବୋର୍ଡ଼ ସଭାପତି ତଥା ଏଡିଏମ୍ ଅରୁଣ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ , ଟ୍ରଷ୍ଟି ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସିପେଟ୍ ପକ୍ଷରୁ ପ୍ଲାଷ୍ଟିକ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସିପେଟ୍ ପକ୍ଷରୁ ପ୍ଲାଷ୍ଟିକ ବ୍ୟବହାର ଉପରେ ପୁରୀରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ନିର୍ଦ୍ଦେଶିକା ଡ. ସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୁରୀ ପୌରପାଳିକାର ତ୍ରିଲୋଚନ ଆଦର୍ଶ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସୁଆଣ୍ଡୋ ଗ୍ରାମରେ ପ୍ଲାଷ୍ଟିକର ବ୍ୟବହାର ବିଷୟରେ ସଚେତନତା ଶିବିର କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ନୋଡାଲ ଅଫିସର ଦିଲୀପ କୁମାର ପରିଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ପ୍ଲାଷ୍ଟିକର ଠିକ୍ ବ୍ୟବହାର ଓ ପୁନଃ ପ୍ରକ୍ରିୟାକରଣ ବିଷୟରେ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ବୁଝାଯାଇଥିଲା। ପ୍ଲାକାର୍ଡ ଧରି ଗ୍ରାମବାସୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନୁଷ୍ଠାନର କର୍ମକର୍ତ୍ତା କଳାପାହାଡ, ସୁଆଣ୍ଡୋ ଓ ନିକଟସ୍ଥ ଗ୍ରାମରେ ସଚେତନ ଶୋଭାଯାତ୍ରା କରିଥିଲେ। ଏଥିସହ 'ପ୍ଲାଷ୍ଟିକ ନୁହେଁ ଅଦରକାରୀ, ପୁନଃ ବ୍ୟବହାର ନିହାତି ଜରୁରୀ' ଉପରେ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ବୈଷୟିକ ଅଧିକାରୀ ଡ. ମନୋରଞ୍ଜନ ବିଶ୍ୱାଳ ପ୍ଲାଷ୍ଟିକ ପୁନଃପ୍ରକ୍ରିୟାକରଣ ଉପରେ ଆଲୋକପାତ କରିଥିଲେ। ପୁରୀର ବିଭିନ୍ନ ସ୍ଥାନରେ ଅନୁଷ୍ଠାନ ପକ୍ଷରୁ ଡଷ୍ଟବିନ ରଖାଯାଇଥିଲା।





# ନ୍ୟାୟ ପାଇଁ ଦୃଷ୍ଟିହୀନ ଦମ୍ପତିଙ୍କ ଲଢ଼େଇ

ଭୁବନେଶ୍ୱର,୩୦।୯(ବ୍ୟୁରୋ)

- **ନିରାଶ କଲେ ଓଏଚ୍‌ଆର୍‌ସି, ଏସ୍‌ପି ଏବଂ ଡିଜିପି**
- **ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ**

ରାଜ୍ୟବାସୀଙ୍କୁ ଉତ୍ତମ ଶାସନ ତଥା ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଆସନ୍ତା ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟ ସରକାର 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ସେହିପରି ପୋଲିସ ବିଭାଗ ପକ୍ଷରୁ ମଧ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଏହି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ଅନ୍ୟପଟେ ପୋଲିସର ନିଷ୍କ୍ରିୟତା ଯୋଗୁ ନୟାଗଡ଼ର ଏକ ଦୃଷ୍ଟିହୀନ ଦମ୍ପତି ଦୀର୍ଘଦିନ ହେଲା ନ୍ୟାୟ ପାଇପାରୁନାହାନ୍ତି। ଏହି ଦମ୍ପତି ପ୍ରାୟ ୪ମାସ ହେବ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆରସି), ଏସ୍‌ପି ଏବଂ ଡିଜିପିଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା ପ୍ରକଟ କରିଛନ୍ତି। ଏହି ଦମ୍ପତି ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ସହ ନ୍ୟାୟ ପାଇଁ ଗୁହାରି ଜଣାଇଛନ୍ତି।

ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଓଡଗାଁ ଥାନା ବାହାଡା ଝୋଲା ଫାଣ୍ଡି ଅଧୀନ ସେନ୍ତେରୀ ଗ୍ରାମର ବଂଶୀଧର ପ୍ରଧାନ ଓ ତାଙ୍କ ସ୍ତ୍ରୀ ଦୃଷ୍ଟିହୀନ। ଏହି ଦମ୍ପତି ଗ୍ରାମରୁ ଚାଲିଆସି ନିଜର ୩ପିଲାଙ୍କ ସହ ଭୁବନେଶ୍ୱରସ୍ଥ ସତ୍ୟନଗରରେ ରହି ମାର୍କେଟ ବିଲ୍ଡିଂର ରାସ୍ତାକଡ଼ରେ ଖେଳନା ବିକି ଗୁଜୁରାଣ ମେଣ୍ଟାନ୍ତି। ଗ୍ରାମରେ ବଂଶୀଧରଙ୍କ ପିତା ଗୌର ପ୍ରଧାନ, ମା' ତୁଳାବତୀ, ବଡଭାଇ ବେଣୁଧର ଓ ତାଙ୍କ ସ୍ତ୍ରୀ ରୁହନ୍ତି। ମା' ବାପାଙ୍କୁ ପାଖରେ ରଖିବାକୁ ବଂଶୀଧରଙ୍କ ପରିବାରରେ ସଦାବେଳେ କଳହ ହୋଇଥାଏ। ତେଣୁ ପିତାମାତା ଭୁବନେଶ୍ୱର ଆସି ବଂଶୀଧରଙ୍କ ପାଖରେ ରହୁଥିଲେ। ୪ମାସ ତଳେ ଗାଁରେ ଥିବା ବଡ଼ପୁଅ ବେଣୁଧରଙ୍କ ପାଖକୁ ମାତା, ପିତା ବୁଲିଯାଇଥିବାବେଳେ ଘରେ ପାଟିତୁଣ୍ଡ ହୋଇଥିଲା। ବେଣୁଧରଙ୍କ ସ୍ତ୍ରୀ ଓ ସମ୍ପର୍କୀୟମାନେ ଶାଶୁ, ଶ୍ୱଶୁରଙ୍କ ସହ ଝଗଡ଼ା କରି ଘରୁ ବାହାରିଯିବାକୁ କହିବାରୁ ବେଣୁଧର ବିରୋଧ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସେମାନେ ବେଣୁଧର ଓ ତାଙ୍କ ମାତା ପିତାଙ୍କୁ ଏକ ଲୁହାରଡରେ ଆକ୍ରମଣ କରିଥିଲେ।

ଜୁନ ୧୩ ତାରିଖରେ ଏହି ଘଟଣା ଘଟିଥିଲେ ମଧ ଏଯାବତ୍ ବଂଶୀଧରଙ୍କୁ ନ୍ୟାୟ ମିଳିପାରିନାହିଁ। ସେହିଦିନ ରାତିରେ ହିଁ ବାହାଡ଼ା ଝୋଲା ଫାଣ୍ଡିରେ ବଂଶୀଧର ଏତଲା ଦେଇଥିଲେ। ହେଲେ ଫାଣ୍ଡି ଅଧିକାରୀ ଏତଲା ରଖିବା ତ ଦୂରର କଥା ଓଲଟା ସେମାନଙ୍କ ଉପରେ ଯୌତୁକ ନିର୍ଯାତନା ଅଭିଯୋଗ ଆସିଥିବା କଥା କହିଥିଲେ। ଏଥିଯୋଗୁ ବଂଶୀଧରଙ୍କୁ ଥାନାରୁ ନିଜ ପରିବାର ସଦସ୍ୟଙ୍କ ପାଇଁ ଜାମିନ ନେବାକୁ ପଡ଼ିଥିଲା। ଏହି ଘଟଣାରେ ତଦନ୍ତ ଅଧିକାରୀ ତାଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ବଂଶୀଧର ଗଣମାଧମରେ ଅଭିଯୋଗ ଆଣିଛନ୍ତି। ଏ ନେଇ ୩ ଥର ପୋଲିସ ଡିଜିପି, ୫ଥର ନୟାଗଡ ଜିଲା ଏସ୍‌ପି ଓ ଶେଷରେ ଗତ ଅଗଷ୍ଟ ୫ ତାରିଖରେ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇନାହିଁ। ତାଙ୍କୁ ନଭେମ୍ବର ୫ତାରିଖରେ ଓଏଚ୍‌ଆର୍‌ସି ଡାକିଥିବା ସେ କହିଛନ୍ତି। ସବୁଠି ନିରାଶ ହେବା ପରେ ଶେଷରେ ସେ ବାଧ ହୋଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଉଚିତ ଦଣ୍ଡ ଦେବାକୁ ସେ ନିବେଦନ କରିଛନ୍ତି।

**ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ**

ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ବେଣୁଧରଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସେହିପରି ଆକ୍ରମଣର ଶିକାର ବେଣୁଧରଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରାଯାଇଛି। ଏ ନେଇ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଉକ୍ତ ଘଟଣାର ତଦନ୍ତକାରୀ ଅଧିକାରୀଙ୍କୁ ବଦଳାଯିବା ସହ ଖୁବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

– ଶଶୀଭୂଷଣ ଶତପଥୀ,
ନୟାଗଡ ଏସ୍‌ପି

କଟକ ରୋଡ ବ୍ୟବସାୟୀ ସଂଘ

# ଚାନ୍ଦି ଅଳଙ୍କାରରେ ବିଭୂଷିତ ହେବେ ଦେବୀ

- ଏକତା ଓ ଭାଇଚାରାକୁ ଗୁରୁତ୍ୱ
- ଚାରାରୋପଣ ସହ ପ୍ଲାଷ୍ଟିକ ମୁକ୍ତ ଆହ୍ୱାନ ଦେଲେ କର୍ମକର୍ତ୍ତା

**କଟକ ରୋଡ,୩୦।୯(ଡି.ଏନ୍.ଏ)**

ଚଳିତବର୍ଷ କଟକ ରୋଡ ବ୍ୟବସାୟୀ ସଂଘ ୩୯ବର୍ଷରେ ପଦାର୍ପଣ କରୁଛି। ଏଥର ପୂଜାକୁ ଅଧିକ ଆକର୍ଷଣୀୟ କରାଯାଉଛି। ଦେବଦେବୀଙ୍କ ଚାନ୍ଦି ଅଳଙ୍କାର ବିଭୂଷିତ ଏଥର ମୁଖ୍ୟ ଆକର୍ଷଣ ହେବ ବୋଲି କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି। ଏକ ସୁଉଚ୍ଚ ତୋରଣ ମଧ୍ୟ ନିର୍ମାଣ କରାଯାଉଛି। ଏହାର ଉଚ୍ଚତା ୬୦ଫୁଟ ଏବଂ ଓସାର ୧୦୦ଫୁଟ ରହିବ। ୨୦ଫୁଟ ଉଚ୍ଚତା ବିଶିଷ୍ଟ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ କାରିଗରମାନେ ନିର୍ମାଣ କରୁଛନ୍ତି। ଚଳିତବର୍ଷ ପୂଜା ବଜେଟ ୩୦ଲକ୍ଷ ଟଙ୍କା ରଖାଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ୮୫କେଜି ଚାନ୍ଦି ଓ ରୁପା ଅଳଙ୍କାରରେ ଦେବୀଙ୍କୁ ସଜାଯିବା ସ୍ଥଳେ ପାର୍ଶ୍ୱଦେବଦେବୀ ମଧ୍ୟ ଅଳଙ୍କାରରେ ଶୋଭାପାଇବେ। ଷଷ୍ଠୀତିଥିଠାରୁ ଦଶମୀ ପର୍ଯ୍ୟନ୍ତ ନିୟମିତ ଅନ୍ନଭୋଗ ହେବାକୁ ଥିବା ବେଳେ ଅଷ୍ଟମୀ ତିଥିରେ ଚରୁ ଅନ୍ନ ସହ ଅନ୍ନପ୍ରସାଦ ଓ ଦଶମୀରେ ଦହି ପଖାଳ ଭୋଗ ଲାଗି ହେବା ପରେ ଶ୍ରଦ୍ଧାଳୁଙ୍କୁ ବଣ୍ଟନ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୫୦ସ୍ୱେଚ୍ଛାସେବୀ କମିଶନରେଟ ପୋଲିସ ସହ ନିୟୋଜିତ ରହିବେ। ପୂଜା ପେଣ୍ଡାଲ ଓ ଆଖପାଖ ଅଞ୍ଚଳରେ ୧୦ସିସି କ୍ୟାମେରା ଖଞ୍ଜାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ। ଶହୀଦନଗର ମିଳିତ ଭସାଣି ଉତ୍ସବରେ ବ୍ୟବସାୟୀ ସଂଘ ସାମିଲ ହେବା ସହ ଢେଙ୍କାନାଳ, ସମ୍ବଲପୁର ଓ ପୁରୀ ଅଞ୍ଚଳର ପାରମ୍ପରିକ ବାଦ୍ୟକାରଙ୍କୁ ନେଇ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ କଟକ ଓ ଭୁବନେଶ୍ୱର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।



ଚଳିତବର୍ଷ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସାଙ୍ଗକୁ ଉତ୍ସବ ଶେଷ ପରେ ଚାରାରୋପଣ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂଜାମଣ୍ଡପକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ପ୍ଲାଷ୍ଟିକ କିମ୍ବା ପଲିଥିନ ଉପରେ କର୍ମକର୍ତ୍ତା ସଚେତନ କରିବେ।

– ରବୀନ୍ଦ୍ର କୁମାର ସ୍ୱାଇଁ
(ସାଧାରଣ ସମ୍ପାଦକ)



ସଂଘ ମଧ୍ୟରେ ହିନ୍ଦୁ, ଶିଖ ଓ ମୁସଲିମ ସମ୍ପ୍ରଦାୟ ସହ ଅନ୍ୟାନ୍ୟ ଭାଷାଭାଷୀ ବ୍ୟବସାୟୀ ସାମିଲ ରହିଛନ୍ତି। ସେ ନେଇ ଏଠାରେ ଏକତା ଓ ଭାଇଚାରା ବଜାୟ ରଖିବା ପାଇଁ ପଦକ୍ଷେପ ଗୁରୁତ୍ୱ ଦିଆଯାଏ। ସଂଘର ସମସ୍ତ କର୍ମକର୍ତ୍ତା ଓ ବ୍ୟବସାୟୀଙ୍କ ସହଯୋଗରେ ଦୀର୍ଘବର୍ଷ ହେବ ପୂଜା ଉତ୍ସବରେ ଶୃଙ୍ଖଳା ଜାରି ରହିଛି।

– ଗୟାଧର ରାଉତ
(ସଭାପତି)



କଟକ ଶେଖ୍‌ବଜାର ପୂଜା ମଣ୍ଡପରେ ମା'ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାରେ ରଙ୍ଗତୂଳୀର ଶେଷ ସ୍ପର୍ଶ ଦେଉଛନ୍ତି ଜଣେ ଶିଳ୍ପୀ।

ଗଡ଼ ନହରକଣ୍ଟା ପୂଜା କମିଟି

# ମା'ଙ୍କ ମଥାରେ ଝଲସିବ ଚାନ୍ଦି ମୁକୁଟ

**ବାଲିଅନ୍ତା, ୩୦।୯(ଡି.ଏନ୍.ଏ.)**



ଶାରଦୀୟ ମା' ଜଗତ୍‌ଜନନୀଙ୍କ ଆଗମନ ନେଇ ରାଜ୍ୟ ସାରା ଜୋରସୋରରେ ପ୍ରସ୍ତୁତି ଚାଲିଛି। ଅଧିକାଂଶ ସ୍ଥାନରେ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଗଲାଣି। ରାଜଧାନୀ ଉପକଣ୍ଠ ବିଏମ୍‌ସିର ୪ନଂ ୱାର୍ଡ ଅଧୀନ ଗଡ ନହରକଣ୍ଟା ପୂଜା କମିଟି ଚଳିତବର୍ଷ ମା'ଙ୍କ ପୂଜାକୁ ବେଶ ଧୁମଧାମରେ ଆୟୋଜିତ କରୁଛନ୍ତି। ୭ବର୍ଷ ଧରି ପୂଜା କରି ଆସୁଥିବା ଏହି କମିଟି ଚଳିତବର୍ଷ ପ୍ରଥମଥର ମା'ଙ୍କ ପାଇଁ ଚାନ୍ଦୀ ମୁକୁଟ ଲଗାଯିବାର ନିଷ୍ପତ୍ତି ନିଆଯାଇଛି। ମା'ଙ୍କ ମଥାରେ ୫କି.ଗ୍ରା. ୫୦୦ଗ୍ରାମର ଚାନ୍ଦୀ ମୁକୁଟ ଝଲସିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିସହିତ ମା'ଙ୍କ ପାଇଁ ଚାନ୍ଦୀର ବଳା ମଧ୍ୟ ନିର୍ମାଣ କରାଯାଇଛି। ଚଳିତବର୍ଷ ମଣ୍ଡପର ସାଜସଜ୍ଜା, ରାସ୍ତାଘାଟର ରଙ୍ଗବେରଙ୍ଗ ଆଲୋକମାଳା, ରାବଣ ପୋଡ଼ି ଓ ଆତସବାଜି ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ସାଜିବ। ପୂଜା ଅବସରରେ ୩ଦିନ ପର୍ଯ୍ୟନ୍ତ ମେଲୋଡ଼ି ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ୮୦ଫୁଟ ଉଚ୍ଚତା ଓ ୧୦୦ଫୁଟ ଓସାରର ଦଧିମାର୍ଥୀ ତୋରଣ ପୂଜାର ଅନ୍ୟତମ ଆକର୍ଷଣ ସାଜିବ ବୋଲି କମିଟି ସଭ୍ୟମାନେ କହିଛନ୍ତି।

### ବିଜୟା ଦଶମୀରେ ଅପରାଜିତା ପୂଜା



କମିଟି ପକ୍ଷରୁ ମା'ଙ୍କ ପାଖରେ ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ଖେଚୁଡ଼ି ଓ ଡାଲମା ଭୋଗ କରାଯାଇଥାଏ। ଦଶମୀରେ ଦହିପଖାଳ ଓ କଳମ ଶାଗ ଭଜା ମା'ଙ୍କ ନିକଟରେ ଭୋଗ ହୋଇ ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥାଏ। ବିଜୟା ଦଶମୀ ତିଥିରେ ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅପରାଜିତା ଗଛର ଚେର ଲାଗିହୁଏ। ତେଣୁ ଏହାକୁ ଅପରାଜିତା ପୂଜା କୁହାଯାଏ। ପୌରାଣିକ ନୀତି ଅନୁଯାୟୀ ଏହି ପୂଜା କରାଯାଉଥିବା ଜଣାପଡିଛି। ଏହି ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ବିଶେଷ କରି ମାନସିକଧାରୀମାନେ ଏହି ଦିନ ଅଧିଆ ପଡିଥାଆନ୍ତି।

- କୈଳାସ ଚନ୍ଦ୍ର ଜେନା, ସଭାପତି

### ଭସାଣିରେ ପାରମ୍ପରିକ ବାଦ୍ୟ



ପୂଜା ଶେଷରେ ଭସାଣିକୁ ବେଶି ଗୁରୁତ୍ୱ ଦିଆଯାଇଥାଏ। ଚଳିତବର୍ଷ ଅଧିକ ସାଉଣ୍ଡ ଥିବା ବାଜାକୁ ନିଷେଧ କରାଯାଇଛି। ପୂଜା ସହିତ ଭସାଣିକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଶାସନ ପକ୍ଷରୁ ଡିଜେ ବାରଣ ପରେ କମିଟି ପକ୍ଷରୁ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯାଇଛି। ଭସାଣି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ପ୍ରଚେଷ୍ଟା ଚାଲିଛି।

- ଶିବ ଛୋଟରାୟ, ସମ୍ପାଦକ

କେଶୁରା ଦୁର୍ଗାପୂଜା ସମିତି

# ତୋରଣରେ ଝଲସିବ ଉତ୍ତରାଖଣ୍ଡର ନାନ କାମଟା ଗୁରୁଦ୍ୱାର



**ପୁରୁଣା ଭୁବନେଶ୍ୱର, ୩୦। ୯ (ଡି.ଏନ.ଏ.)**

କେଶୁରା ଦୁର୍ଗାପୂଜା ସମିତି ପକ୍ଷରୁ ୨୦୧୦ରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଚଳିତବର୍ଷ ୧୦ ବର୍ଷ ପୂରଣ କରୁଛି। ଏ ବର୍ଷ ଭିନ୍ନ ଧରଣର ତୋରଣ ସହ ଆଲୋକୀକରଣ ବ୍ୟବସ୍ଥା ସମିତି ପକ୍ଷରୁ କରାଯାଇଛି। ଉତ୍ତରାଖଣ୍ଡର ନାନାକାମଟା ଗୁରୁଦ୍ୱାର ତୋରଣ ସାଙ୍ଗକୁ ଏଲିଡ଼ି ଲାଇଟ ଦେଖିବାକୁ ମିଳିବ। ଏଥିପାଇଁ କେଶୁରା ଖେଳପଡ଼ିଆସ୍ଥିତ ପୂଜାମଣ୍ଡପଠାରେ ଷଷ୍ଠିର ବିଲ୍ୱବରଣଠାରୁ ସପ୍ତମୀରେ କୁଆଖାଇ ନଦୀରୁ କଳସଯାତ୍ରା ରୋଷଣ ସହ ବିମାନ ଯୋଗ ନବପତ୍ରିକା, ଆମନ୍ତ୍ରିତ ଅଷ୍ଟମୀର ବିହି ଧ୍ୱଜା ସାଙ୍ଗକୁ, ନବମୀର ନବକୁମାରୀ ପୂଜା କରାଯିବ। ପୂଜା ମଣ୍ଡପ ସମ୍ମୁଖରେ କୋଲକାତା ଏବଂ ଓଡ଼ିଶାର କୁଶଳୀ କାରିଗରମାନେ ୨୦ ଦିନ ଆଗରୁ ତୋରଣ ନିର୍ମାଣ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ପ୍ରାୟ ୧୫ରୁ ୨୦ଜଣ କାରିଗର ଏଥିରେ ନିୟୋଜିତ ଅଛନ୍ତି। ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ତୋରଣ ନିର୍ମାଣ କରାଯାଉଥିବା ସମିତିର ଉପସଭାପତି କୃତାର୍ଥ ପ୍ରଧାନ କହିଛନ୍ତି। ସେହିଭଳି ଚଳିତବର୍ଷ ପୂଜାକୁ ଶୃଙ୍ଖଳିତ କରିବା ସହ ଏକ ସଚେତନତା କାର୍ଯ୍ୟକ୍ରମ ସମିତି ହାତକୁ ନେଇଛି।





ଶ୍ରଦ୍ଧାଳୁମାନଙ୍କୁ ବାଉଁଶ ପାତିଆ ନିର୍ମିତ ଭୋଗ ଡାଲାରେ ଭୋଗ କରାଯିବା ପାଇଁ ବିଦ୍ଧିବଧ ବ୍ୟବସ୍ଥା କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୦ ଭୋଗଡାଲା ପ୍ରସ୍ତୁତ ହୋଇଥିବା ପୂର୍ବତନ କୋଷାଧକ୍ଷ ମାଗୁଣି ପ୍ରଧାନ କହିଛନ୍ତି। ସପ୍ତମୀରେ ୭ ପ୍ରକାର ଖେଚୁଡ଼ି ଭୋଗ, ମହାଷ୍ଟମୀରେ ପାଣି କଖାରୁ ବଳି ଓ ନବମୀରେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଟ୍ରାଫିକ୍ ନିୟନ୍ତ୍ରଣରେ କାମ କରିବା ସହ ନିଶା ବନ୍ଦ, ପ୍ଲାଷ୍ଟିକ୍ ଫ୍ରି ଉପରେ କମିଟି ଗୁରୁତ୍ୱ ଦେଇଛି।



ଦୁର୍ଗାପୂଜା ଉପଲକ୍ଷେ କଟକ ଚାନ୍ଦିନୀଚୌକ ପୂଜା କମିଟି ପକ୍ଷରୁ ଚାନ୍ଦିନୀଚୌକ ଛକରେ ଲଗାଯାଇଥିବା ଇଲେକ୍‌ଟ୍ରୋନିକ୍ ତୋରଣ।



କଟକ ଶେଖ୍ ବଜାର ପୂଜା ମଣ୍ଡପ ପରିସରରେ କାରିଗରମାନେ ମେଢ଼ ଫ୍ରେମ୍‌ରେ ଚାନ୍ଦି ଅଳଙ୍କାର ଖଞ୍ଜୁଛନ୍ତି।

# ତୋରଣରେ ଷ୍ଟାଚ୍ୟୁ ଅଫ ଲିବର୍ଟି

**କଟକ ଅଫିସ,୩୦।୯**

ମାଲଗୋଦାମ ପୂଜା କମିଟି

ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକର ବିଭିନ୍ନ ପୂଜା ମଣ୍ଡପ। ଦଶହରା ଯେତିକି ପାଖେଇ ଆସୁଛି ପୂଜା ମଣ୍ଡପ କର୍ମକର୍ତ୍ତାଙ୍କ ମଧ୍ୟରେ ସେତିକି ତତ୍ପରତା ଦେଖିବାକୁ ମିଳିଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତେ ଲାଗିପଡିଛନ୍ତି। ଏହି ପୂଜା ଦୌଡରେ ନିଜକୁ ସାମିଲ କରିଛି ମାଲଗୋଦାମ ପୂଜା କମିଟି। କିଛିବର୍ଷ ପୂର୍ବେ ଲାଲକିଲ୍ଲା ଆକୃତିର ତୋରଣ ନିର୍ମାଣ କରି ଚର୍ଚ୍ଚାରେ ରହିଥିବା ଏହି ପୂଜା କମିଟି ଚଳିତବର୍ଷ ଷ୍ଟାଚ୍ୟୁ ଅଫ ଲିବର୍ଟି ଆକୃତିର ତୋରଣ ନିର୍ମାଣ କରୁଛି। ଏହି ତୋରଣକୁ ନିର୍ମାଣ କରିବା ପାଇଁ କଲିକତାରୁ କାରିଗର ଆସିଛନ୍ତି। ଫାଇବରର ଷ୍ଟାଚ୍ୟୁ ଏବଂ ପ୍ଲାଏ ବ୍ୟବହାର କରି କଲିକତାର କାରିଗରମାନେ ଏହି ତୋରଣ ନିର୍ମାଣ କାମ ଜାରି ରଖିଛନ୍ତି। ଏହାର ଉଚ୍ଚତା ୬୫ ଫୁଟ ଓ ଚଉଡା ୨୪ ଫୁଟ ରହିଛି। ଏହି ତୋରଣ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ପୂଜା କମିଟି କର୍ମକର୍ତ୍ତମାନେ ଆଶା ରଖିଛନ୍ତି।

୧୯୫୨ ଠାରୁ ଏହି କମିଟି ପୂଜା ପାଳନ କରିଆସୁଛି। ପ୍ରଥମେ ଏକ ଚାଳଘରେ ହରପାର୍ବତୀଙ୍କ ପ୍ରତିମା ପୂଜା କରାଯାଉଥିଲା। ୧୯୮୩ରେ କମିଟିର ଏକ ସ୍ଥାୟୀ ପୂଜା ମଣ୍ଡପ ଏଠାରେ ନିର୍ମାଣ କରାଯାଇଥିଲା। ୧୯୯୬ରେ ମାଲଗୋଦାମ ପୂଜା ମଣ୍ଡପକୁ ସଲଗ୍ନ ଥିବା ଖାଲି ସ୍ଥାନରେ ହନୁମାନ ମନ୍ଦିର ନିର୍ମାଣ କରାଯାଇଥିଲା। ପରେ ହନୁମାନଙ୍କର ବିଗ୍ରହ ପ୍ରତିଷ୍ଠା କରାଯାଇ ପୂଜା କରାଗଲା। ଏହି ମଣ୍ଡପରେ ହରପାର୍ବତୀଙ୍କ ପ୍ରତିମା ସହିତ ଗଣେଶ, ଗଜଲକ୍ଷ୍ମୀ ଏବଂ କାର୍ତ୍ତିକେଶ୍ୱରଙ୍କୁ ମଧ୍ୟ ପୂଜା କରାଯାଏ। ହରପାର୍ବତୀଙ୍କ ପାଖରେ ସ୍ୱତନ୍ତ୍ର ଭାବେ ଲଡୁ ଭୋଗ କରାଯାଏ। ମୂର୍ତ୍ତି ଓ ମେଢ ନିର୍ମାଣ ପାଇଁ ବିଡାନାସୀର ସୁବାସ ଚନ୍ଦ୍ର ପରିଡା ଏବଂ ରାମଚନ୍ଦ୍ର ରଣା ଦାୟିତ୍ୱ ନେଇଛନ୍ତି। ମୂର୍ତ୍ତିର ଉଚ୍ଚତା ପ୍ରାୟ ୧୫ ଫୁଟ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଆକର୍ଷଣୀୟ ଆଲୋକ ସଜାଯିବା ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି।

"ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ମାଲଗୋଦାମ ଅଞ୍ଚଳ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ଭିଡ଼କୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ଦିଗରେ ଧ୍ୟାନ ଦିଆଯିବ। ଶ୍ରଦ୍ଧାଳୁମାନେ ଧାଡିରେ ଆସି ମା'ଙ୍କୁ ଦର୍ଶନ କରିପାରିବେ। ମହାସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମେଲୋଡି କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ନିଶାମୁକ୍ତ ଭସାଣି ପାଇଁ କମିଟି ପକ୍ଷରୁ ପ୍ରଚେଷ୍ଟା କରାଯିବ।

–କୈଳାସ ଚନ୍ଦ୍ର ପାତ୍ର,
ପୂଜା କମିଟି ସଭାପତି



"ଚଳିତବର୍ଷ ପାଇଁ ବଜେଟ ପ୍ରାୟ ୧୭ ଲକ୍ଷ ଟଙ୍କା ରହିଛି। ମୋଟ୍ ୬ଟି ଗେଟ୍‌ର ବ୍ୟବସ୍ଥା ରହିଛି। ସୁନ୍ଦର ସାଜସଜ୍ଜା ଆମର ମୁଖ୍ୟ ଲକ୍ଷ୍ୟ।

– ସୟଦ ନିଜାମୁଦ୍ଦିନ ଅହମ୍ମଦ,
ପୂଜା କମିଟି ସାଧାରଣ ସମ୍ପାଦକ



କଟକ



ମା'କଟକଚଣ୍ଡୀଙ୍କ ହରଚଣ୍ଡୀ ବେଶ।



ମା'ଗଡ଼ଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ।



ମା'ଝାଞ୍ଜିରୀମଙ୍ଗଳାଙ୍କ ଉଗ୍ରତାରା ବେଶ।



ହରିପୁର ଦୋଳମୁଣ୍ଡାଇର ମା' ବିମଳାଙ୍କ ଭୁବନେଶ୍ୱରୀ ବେଶ।



ମଙ୍ଗଳାବାଗର ମା'ବାସନ୍ତୀଦୁର୍ଗାଙ୍କ ମାହେଶ୍ୱରୀ ବେଶ।



ଦୋଳମୁଣ୍ଡାଇର ମା'ମଙ୍ଗଳାଙ୍କ ନାରାୟଣୀ ବେଶ।



ପିଠାପୁରର ମା'ଧାକୁଲେଇଙ୍କ ଗାୟତ୍ରୀ ବେଶ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧/୨୦୧୯ Bhubaneswar, Tuesday, October 1/ 2019

## ସଂକ୍ଷେପରେ

### ସାପ ମରିବା ପରେ ଆଖି ବୁଜିଲେ ବୃଦ୍ଧା

**ଭୁବନେଶ୍ୱର,୩୦।୯(ବ୍ୟୁରୋ):** ଚନ୍ଦକା ଥାନା ଅଧୀନ ବରପଟା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ବିଷଧର ସାପ ଜଣେ ବୃଦ୍ଧାଙ୍କୁ କାମୁଡି ଦେଇଥିଲା। ହେଲେ ସାପର ମୃତ୍ୟୁ ଘଟିଥିବାବେଳେ ଏହାର କିଛି ସମୟ ପରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୁଦୁନି ହେମ୍ବ୍ରମ(୬୦)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ମୁଦୁନି ସନ୍ଧ୍ୟାରେ ଘର ଝାଡୁ କରୁଥିବାବେଳେ ଏକ ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ସେ ଚିତ୍କାର କରିବାରୁ ପରିବାର ଲୋକ ସେଠାରେ ସାପ କାମୁଡିଥିବା ଦେଖିଥିଲେ। ପରେ ସାପ ଘର ବାହାରକୁ ଚାଲିଯିବାକୁ ଉଦ୍ୟମ କରିବାବେଳେ ମରିପଡିଥିଲା। ଏହାପରେ ପରିବାର ଲୋକେ ମୁଦୁନିଙ୍କୁ ହସ୍ପିଟାଲ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

### କାକରୁଦ୍ରପୁରରେ ପାତି ମାଙ୍କଡ଼ ଆତଙ୍କ

**ବାଲିଅନ୍ତା, ୩୦।୯(ଡି.ଏନ୍.ଏ.)-** ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ପଞ୍ଚାୟତର ବାଦଛେଲିପାଟଣା ଗ୍ରାମରେ ଗତ ୩ଦିନ ଧରି ଏକ ପାତି ମାଙ୍କଡ଼ ଆତଙ୍କ ଖେଳାଇଛି। ଲୋକେ ଭୟରେ ଘରୁ ବାହାରି ପାରୁ ନ ଥିବାବେଳେ ଯିବାଆସିବାରେ ଭୟ କରୁଛନ୍ତି। ଏପରିକି ପାତି ମାଙ୍କଡର କାମୁଡ଼ାରେ ୪ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ମାଙ୍କଡ଼ର ଉତ୍ପାତ ଯୋଗୁ ଲୋକେ ପିଲାମାନଙ୍କୁ ସ୍କୁଲ ପଠାଇବାକୁ ନିରାପଦ ମଣୁ ନାହାନ୍ତି। ମାଙ୍କଡ଼ଟିକୁ ବନ ବିଭାଗ ପକ୍ଷରୁ ଧରାଯିବା ପାଇଁ ସାଧାରଣରେ ଦାବି ହେଉଛି।

### ମହାକାଳପଡ଼ା ପୋଲିସ ହେପାଜତରେ ଯୁବକଙ୍କ ମୃତ୍ୟୁ ମାମଲା
### ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ନିବେଦନ

**କଟକ ଅଫିସ, ୩୦।୯-** କେନ୍ଦ୍ରାପଡ଼ା ମାର୍ଶାଘାଇ ଅଞ୍ଚଳର ଜଣେ ଯୁବକ ଅବିନାଶ ପାଇଟଲଙ୍କ ମୃତ୍ୟୁ ମହାକାଳପଡ଼ା ଥାନା ପୋଲିସ ହେପାଜତରେ ଥିବାବେଳେ ହୋଇଥିଲା। ଏହି ଘଟଣାକୁ ନେଇ ସେହି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ପରେ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇତିମଧ୍ୟରେ ୧୩ ମାସ ବିତିଯାଇଥିଲେ ମଧ୍ୟ କ୍ରାଇମବ୍ରାଞ୍ଚ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଘଟଣାର ଜଣେ ହେଲେ ବି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ତେଣୁ ଏହି ଘଟଣାରେ ସିବିଆଇ ତଦନ୍ତ ପାଇଁ ଅବିନାଶଙ୍କ ବଡ଼ବାପା ଦୈତାରୀ ନିବେଦନ କରି ସୋମବାର ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟରଞ୍ଜନ ପତି ମାମଲା ପରିଚାଳନା କରୁଛନ୍ତି। ସୂଚନା ଅନୁଯାୟୀ, ମାର୍ଶାଘାଇ ଥାନା ବାଲଣା ଗ୍ରାମର ସରୋଜ ଚନ୍ଦ୍ର ପାଇଟଲଙ୍କ ପୁଅ ଅବିନାଶଙ୍କ ନାମରେ ଏକ ଚୋରି ଅଭିଯୋଗ ରହିଥିଲା। ଏନେଇ ମହାକାଳପଡ଼ା ପୋଲିସ ୨୦୧୮ ଅଗଷ୍ଟ ୨୫ରେ ଅବିନାଶଙ୍କୁ ଗିରଫ କରିଥିଲା।

■ ନନ୍ଦନକାନନରେ ହର୍ପିସ ହରର୍

# ହାତୀ ସ୍ୱାସ୍ଥ୍ୟ ଅନୁଧ୍ୟାନ କଲେ ବିଶେଷଜ୍ଞ

**ବାରଙ୍ଗ, ୩୦।୯(ଡି.ଏନ୍.ଏ.)**

କେନ୍ଦ୍ରୀୟ ଟିମ୍ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ସୋମବାର କେରଳ ସରକାରଙ୍କର ହାତୀ ବିଶେଷଜ୍ଞ ଡା. ଅରୁଣ ଜାକାରିଆ ଦିନିକିଆ ଗସ୍ତରେ ଆସିଥିଲେ। ସେ ସୋମବାର ପୂର୍ବାହ୍ନ ୧୦ଟାରେ ନନ୍ଦନକାନନରେ ପହଞ୍ଚି ହାତୀ ସଫାରିର ହାତୀଶାଳ ବୁଲିବା ସହ ସେଠାରେ ଥିବା ବଡହାତୀ ପ୍ରେମା, ବାସନ୍ତୀ, ହୀରା ଓ ଡାକ୍ତରଖାନାରେ ଥିବା ଛୋଟ ହାତୀ ମାମାର ସ୍ୱାସ୍ଥ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ଏହାସହ ସେଠାକାର ପରିବେଶକୁ ମଧ୍ୟ ବୁଲି ଦେଖିଥିଲେ। ଏହାପରେ ଗେଷ୍ଟହାଉସରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ହାତୀଙ୍କ ଉପରେ ହୋଇଥିବା ପରୀକ୍ଷା ଓ ଚିକିତ୍ସାକୁ ନେଇ ଆଲୋଚନା କରିଥିଲେ। ବର୍ତ୍ତମାନ ଚାରଟି ହାତୀଙ୍କର ସୁରକ୍ଷା ପାଇଁ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଉପରେ ପଚାରି ବୁଝିଥିଲେ। ହର୍ପିସରେ ଆକ୍ରାନ୍ତରେ ହାତୀ ମୃତ୍ୟୁର ତର୍ଜମା କରିବା ସହ ଆସାମର ଡା. ଗୌରାଙ୍ଗ ମହୋତ ଦେଇଥିବା ପରାମର୍ଶ ଉପରେ ଆଲୋଚନା କରିଥିଲେ। ମୃତ ହାତୀମାନଙ୍କ ଡିଏନଏକୁ କେରଳ ନିଆଯାଇ ସେଠାରେ ଆନ୍ତର୍ଜାତିକ ସ୍ତରରେ କରାଯାଉଥିବା ଗବେଷଣାରେ ସାମିଲ କରାଯାଇ ଅଧିକ ତର୍ଜମା ସହ **ନିର୍ଯାସ** ବାହାର କରିବାର ଉଦ୍ୟମ କରାଯିବ। ଭାଇରସର ୮ଜାତି ୩୧ଟି ପ୍ରଜାତି ହୋଇଥିବାବେଳେ ନନ୍ଦନକାନନରେ ଦେଖାଦେଇଥିବା ହର୍ପିସ କେଉଁ ପ୍ରଜାତିର ଜାଣିବା ପାଇଁ ଅଧିକ ଗବେଷଣା କରାଯିବ। ଏହାସହ କପିଳାସରେ ଥିବା ୪ ଛୁଆ ହାତୀଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଏହି ଆଲୋଚନାରେ ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲ,ଏସିଏଫ ଅମୂଲ୍ୟ କୁମାର ପରିଡା, ଏସିଏଫ ଅଶୋକ କୁମାର ଦାସ, ଶିକ୍ଷାଅଧିକାରୀ ମିଳନ କୁମାର ପଣ୍ଡାଙ୍କ ସହ ଡାକ୍ତରମାନେ ଉପସ୍ଥିତ ଥିଲେ।

### ଆଜିଠୁ ନନ୍ଦନକାନନ, ବଟାନିକାଲର ସମୟ ପରିବର୍ତ୍ତନ

ଜୀବ ଉଦ୍ୟାନ ନନ୍ଦନକାନନର ମଙ୍ଗଳବାରଠାରୁ ଖୋଲିବା ଓ ବନ୍ଦ ହେବାର ସମୟ ପରିବର୍ତ୍ତନ ହେବାକୁ ଯାଉଛି। ଶୀତଦିନେ ଦିନ ଛୋଟ ଓ ଶୀଘ୍ର ସନ୍ଧ୍ୟା ହେଇଯାଉଥିବାରୁ ପର୍ଯ୍ୟଟକମାନେ ପଶୁପକ୍ଷୀଙ୍କୁ ଦେଖିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ତେଣୁ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ୬ମାସ ପାଇଁ ସମୟସୀମା ପରିବର୍ତ୍ତନ ହେବ। ଏବେ ଏପ୍ରିଲଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ସାଢେ ୭ଟାରୁ ସାଢେ ୫ଟା ପର୍ଯ୍ୟନ୍ତ ନନ୍ଦନକାନନ ଖୋଲା ରହୁଥିଲା। କିନ୍ତୁ ମଙ୍ଗଳବାରଠାରୁ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନନ୍ଦନକାନନ ଖୋଲା ରହିବ। ଏହା ଅକ୍ଟୋବରରୁ ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏହି ସମୟସୀମାରେ ନନ୍ଦନକାନନ ଖୋଲିବା ଓ ବନ୍ଦ ରହିବ। ସେହିଭଳି ନନ୍ଦନକାନନ ସହ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବଟାନିକାଲ ଗାର୍ଡେନ ମଧ୍ୟ ଅନୁରୂପ ଭାବେ ନନ୍ଦନକାନନର ସମୟସୀମା ଭଳି ଖୋଲିବାକୁ ଯାଉଛି।

# ଲାଞ୍ଚ: ଅଡିଟର, ପୋଲିସ ଏସ୍ଆଇ ଗିରଫ

**କଟକ ଅଫିସ, ୩୦।୯**

ଲାଞ୍ଚ ନେବାବେଳେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ହାତରେ ଗିରଫ ହୋଇଛନ୍ତି ଖୋର୍ଦ୍ଧା ଜିଲା ମାର୍କଫେଡ଼ର ଅଡ଼ିଟର ସୋମନାଥ ଶତପଥୀ। ମାର୍କଫେଡ଼ର ପୂର୍ବତନ ଗୋଦାମ ଇନ୍‌ଚାର୍ଜ ତଥା ବର୍ତ୍ତମାନର ସେଲ୍ସ ଆସିଷ୍ଟାଣ୍ଟ ରବୀନ୍ଦ୍ର କୁମାର ମିଶ୍ରଙ୍କ ସପକ୍ଷରେ ଅଡ଼ିଟ୍ ରିପୋର୍ଟ ପ୍ରଦାନ କରିବା ପାଇଁ ସିଆର୍‌ପି ଛକରେ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଶତପଥୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପରେ ଭିଜିଲାନ୍ସ ବିଭାଗ ଶତପଥୀଙ୍କ ଆଇଆର୍‌ସି ଭିଲେଜ ସ୍ଥିତ ବାସଗୃହରେ ଖାନତଲାସୀ କରିଛି।

ସେହିପରି ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ସୋମବାର କଟକ ଭିଜିଲାନ୍ସ ବିଭାଗ ହାତରେ ଗିରଫ ହୋଇଛନ୍ତି ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟୀ ଫାଣ୍ଡିର ଏସ୍ଆଇ ଦେବେନ୍ଦ୍ର କୁମାର ସାହୁ। କପର/ବେଲ ମେଟାଲର ଅରିଜିନାଲ ପରଚେଜ୍ ଇନ୍‌ଭଏସ୍‌କୁ ରିଲିଜ କରିବା ଏବଂ ବାଲକାଟୀ ଅଞ୍ଚଳରେ ବ୍ୟବସାୟ ଚଳାଇବା ପାଇଁ ଏସ୍ଆଇ ସାହୁ ଅଭିଯୋଗକାରୀ ରମାକାନ୍ତ ସାହୁଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ତଦନୁଯାୟୀ, ବାଣୀବିହାର ସେଣ୍ଟ୍ରାଲ୍ ମଲ୍ ନିକଟରେ ସାହୁ ଅଭିଯୋଗକାରୀଙ୍କଠାରୁ ଏହି ଲାଞ୍ଚ ଅର୍ଥ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ଅଧିକାରୀ ତାଙ୍କୁ କାବୁ କରିଥିଲେ। ଏଥିସହ ତାଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିଥିବାବେଳେ ବାଲକାଟୀ ଫାଣ୍ଡି ନିକଟରେ ଥିବା ତାଙ୍କ ରୁମ୍ ଏବଂ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ସରକାରୀ କ୍ୱାର୍ଟରରେ ଚଢ଼ାଉ କରାଯାଇଛି।

### କନିଷ୍ଠ କିରାଣିଙ୍କୁ ୨ ବର୍ଷ ଜେଲ୍

**କଟକ ଅଫିସ–** ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଗିରଫ ହୋଇଥିଲେ ଢେଙ୍କାନାଳ ଜିଲା ଭୁବନ ତହସିଲର ପୂର୍ବତନ କନିଷ୍ଠ କିରାଣି ରଞ୍ଜନ ନାୟକ। ତାଙ୍କୁ ଢେଙ୍କାନାଳସ୍ଥିତ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ବିଚାରପତି ୨ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୩ମାସ ଜେଲ୍ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏବେ ନାୟକ ଢେଙ୍କାନାଳ କାମାକ୍ଷାନଗରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜୁନିୟର କିରାଣି ଭାବେ କାର୍ଯ୍ୟ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୨୦୦୬ ଡିସେମ୍ବର ୧୦ରେ ଅଭିଯୋଗକାରୀ ନାରାୟଣ ପୃଷ୍ଟିଙ୍କଠାରୁ ଏକ ମ୍ୟୁଟେଶନ ମାମଲାରେ ରେକର୍ଡ ଅଫ୍ ରାଇଟ୍(ଆର୍ ଓ ଆର୍) ଦେବାକୁ ନାୟକ ୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ନାୟକ ଏହି ଲାଞ୍ଚ ନେଉଥିବାବେଳେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କୁ ଗିରଫ କରାଯାଇଥିଲା। ଏଥିସହ ତାଙ୍କ ବିରୋଧରେ ୪୨/୨୦୦୬ରେ ଏକ ମାମଲା ରୁଜୁ ହୋଇଥିଲା।

# କେନ୍ଦୁପତ୍ରରୁ ୪୬୪.୬୨କୋଟି ଟଙ୍କା ରାଜସ୍ୱ ସଂଗ୍ରହ



ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ଓ ଅଧିକାରୀମାନେ ବାର୍ଷିକ ଆକ୍ଟିଭିଟି ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୩୦।୯(ବ୍ୟୁରୋ)**

**ଓଏଫ୍‌ଡିସିର ପ୍ରତିଷ୍ଠା ଦିବସ**

ରାଜ୍ୟରେ ସଂଗୃହୀତ କେନ୍ଦୁପତ୍ରକୁ ଇ-ଟେଣ୍ଡର ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀଙ୍କୁ ଉଚିତ ମୂଲ୍ୟରେ ବିକ୍ରି କରାଯାଉଛି। ରାଜ୍ୟ ରାଜକୋଷକୁ ୨୦୧୮-୧୯ ଆର୍ଥିକ ବର୍ଷରେ କେନ୍ଦୁପତ୍ରରୁ ୪୬୪.୬୨ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି। କାଠର ବିବିଧ କାରବାର ଜରିଆରେ ୨୦୧୮-୧୯ରେ ୬୬୧କୋଟି ଟଙ୍କାର ବ୍ୟବସାୟ କରିବାରେ ନିଗମ ସକ୍ରିୟ ହୋଇଛି। ଏଥିରୁ ୨୫.୮୪ କୋଟି ଟଙ୍କାର ସମ୍ପୂର୍ଣ୍ଣ ଲାଭ ହୋଇଛି। ରାଜ୍ୟ ସରକାରଙ୍କୁ ଟିକସ ଓ ଅଣଟିକସ ବାବଦରେ ୩୧୪.୫୬ କୋଟି ଟଙ୍କା ରାଜସ୍ୱ ପ୍ରଦାନ କରାଯାଇଛି ବୋଲି ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)ର ୫୮ତମ ପ୍ରତିଷ୍ଠା ଦିବସରେ ସୂଚନା ଦିଆଯାଇଛି। ସୋମବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପିସିସିଏଫ୍ ସନ୍ଦୀପ ତ୍ରିପାଠୀ, ବନ ନିଗମର ଉପଦେଷ୍ଟା ଦେବାଶିଷ ମଲ୍ଲିକ, ନିଗମର ଅଧ୍ୟକ୍ଷ ଗଗନ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ ଆକ୍ଟିଭିଟି ରିପୋର୍ଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ ପିସିସିଏଫ୍ (ୱାଇଲ୍ଡଲାଇଫ୍) ଅଜୟ ମହାପାତ୍ର ଓ ଅନ୍ୟ ୪ଜଣ ବନ୍ୟ ସଂରକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନିଗମର କର୍ମଚାରୀମାନେ ଦେବାନନ୍ଦ ନାୟକଙ୍କ ନିର୍ଦ୍ଦେଶନାରେ ଏକ ସାମାଜିକ ନାଟକ 'ମାୟା ମରୀଚିକା' ମଞ୍ଚସ୍ଥ କରିଥିଲେ।




■ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ ନିଷ୍ପତ୍ତି

# ୨୫ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି

**କଟକ ଅଫିସ, ୩୦।୯**

ବିଭିନ୍ନ ଦାବି ନେଇ ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀଙ୍କ କୋର୍ଟ ବର୍ଜନ ନିଷ୍ପତ୍ତି ଅବଧି ପୁଣି ବଢ଼ିଛି। ଆସନ୍ତା ୨୫ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରଖିବାକୁ ଆସୋସିଏଶନ ସୋମବାର ନିଷ୍ପତ୍ତି ନେଇଛି। ଗତ ଅଗଷ୍ଟ ୨୨ରେ ବାର୍ ଆସୋସିଏଶନ ଏହି ନିଷ୍ପତ୍ତି ନେଇଥିଲା। ପରେ ଅଗଷ୍ଟ ୨୯ରେ ପୁନର୍ବାର ଆସୋସିଏଶନ ଏହି କୋର୍ଟ ବର୍ଜନକୁ ଦାବି ପୂରଣ ପର୍ଯ୍ୟନ୍ତ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଥିଲା। ତେବେ ସୋମବାର ହାଇକୋର୍ଟ ବାର ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉକ୍ତ ଆନ୍ଦୋଳନ ଜାରି ରଖିବାକୁ ଆସୋସିଏଶନ ପକ୍ଷରୁ ପୁନର୍ବାର ନିଷ୍ପତ୍ତି ନିଆଯାଇଛି।

ପ୍ରକାଶଥାଉ କି, ଅନେକ ମାମଲା ରହିଥିବାବେଳେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଖୁବ୍ କମ୍ ରହିଛି। ହାଇକୋର୍ଟରେ ୨୭ଟି ବିଚାରପତି ପଦବୀ ରହିଥିବାବେଳେ ଏବେ ମାତ୍ର ୧୪ଜଣ ବିଚାରପତି ରହିଛନ୍ତି। ଏ ନେଇ ପୂର୍ବରୁ ବାର ଆସୋସିଏଶନ ପକ୍ଷରୁ ଅଧିକ ବିଚାରପତି ନିଯୁକ୍ତି ଲାଗି ମୁଖ୍ୟ ବିଚାରପତିଙ୍କୁ ଦାବି କରାଯାଇଥିଲା। ସେହିପରି ସ୍ୟାଟ୍ ଉଚ୍ଛେଦ ପରେ ସେଠାରେ ପଡ଼ି ରହିଥିବା ୭୨ହଜାରରୁ ଊର୍ଦ୍ଧ୍ୱ ମାମଲାକୁ ହାଇକୋର୍ଟକୁ ଆଣିବା, ବରିଷ୍ଠ ଓକିଲ ଘୋଷଣାରେ ବୟସ୍କଙ୍କୁ ଅଣଦେଖା କରିବା ଆଦି ଦାବି ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କୁ ବାର୍ ଆସୋସିଏସନ ପକ୍ଷରୁ ଅବଗତ କରାଯାଇଥିଲା। ହେଲେ ଏହାର ସମାଧାନ ନ ହେବାରୁ ବାର୍ ଆସୋସିଏଶନ ପକ୍ଷରୁ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ ପାଇଁ ନିଷ୍ପତ୍ତି ହୋଇଥିଲା।

# 'ସାଧାରଣ ନିର୍ବାଚନ-୨୦୧୯' ପୁସ୍ତକ ଉନ୍ମୋଚନ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୩୦।୯(ବ୍ୟୁରୋ)**



ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଓ ଅନ୍ୟମାନେ 'ନିର୍ବାଚନ-୨୦୧୯' ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଓଡ଼ିଶା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଧାରଣ ନିର୍ବାଚନ-୨୦୧୯' ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଗତ ନିର୍ବାଚନ ସହ ପୁସ୍ତକର ଉପାଦେୟତା ବିଷୟରେ ରାଜ୍ୟପାଳଙ୍କୁ ବୁଝାଇଥିଲେ। ୨୩୮ ପୃଷ୍ଠା ସମ୍ବଳିତ ପୁସ୍ତକର ୨୦ଟି ଅନୁଚ୍ଛେଦରେ ୨୧ଟି ଲୋକ ସଭା ଓ ୧୪୭ ବିଧାନସଭା ଆସନରେ ଆରମ୍ଭରୁ ଶେଷ ଟିକିନିଖି ସବୁ କାର୍ଯ୍ୟକ୍ରମର ବିବରଣୀ ରହିଛି। ପୁସ୍ତକରେ ନିର୍ବାଚନ-୨୦୧୯ର ସୂଚୀ, ଫଟୋ, ଇଲେକ୍ଟୋରାଲ ରୋଲ, ମତଦାନ କେନ୍ଦ୍ର, ନିର୍ବାଚନ ପ୍ରସ୍ତୁତି, ଇଭିଏମ ପରିଚାଳନା, ନିର୍ବାଚନ ତାଲିମ ଓ ଦକ୍ଷତା ବିକାଶ, ସାମଗ୍ରୀ ପରିଚାଳନା, ଲଜିଷ୍ଟିକ ମ୍ୟାନେଜମେଣ୍ଟ, ସୁରକ୍ଷା ପ୍ରସ୍ତୁତି ଓ ପରିଚାଳନା, ନିର୍ବାଚନ ପ୍ରକ୍ରିୟା, ନିର୍ବାଚନ ଖର୍ଚ୍ଚ ତଦାରଖ, ଆଦର୍ଶ ଆଚରଣ ବିଧି, ପର୍ଯ୍ୟବେକ୍ଷକ ପରିଚାଳନା, ସୁଇପ ପ୍ରସ୍ତୁତି ଓ ପରିଚାଳନା, ସୁଗମ ମତଦାନ, ବୈଷୟିକ ବ୍ୟାଘାତ, ଗଣମାଧ୍ୟମ ପରିଚାଳନା, ଫଳାଫଳ ଓ ଅଭିଜ୍ଞତା ବିନିମୟ, ନୂତନ ଆବଶ୍ୟକତା ଓ ମତାମତ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ରହିଛି। ଉନ୍ମୋଚନ ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ହରିବଲ୍ଲଭ ମିଶ୍ର ଓ ଡ. ଅଭୟ କୁମାର ନାୟକ, ପୂର୍ବତନ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ରଘୁରାମ ଆୟାର ଓ ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ନିତି ରଞ୍ଜନ ସେନ୍ ପ୍ରମୁଖ ଉପସ୍ଥିତ ଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ। -ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଦୁର୍ଘଟଣାରୁ ବର୍ତ୍ତିଲା ବସ୍

**ସାଲେପୁର,୩୦।୯(ଡି.ଏନ.ଏ.):** ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଭାତପଡ଼ାଠାରେ ଏକ ଘରୋଇ ବସ୍ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଭାରସାମ୍ୟ ହରାଇ ରାସ୍ତାର ବାମପାର୍ଶ୍ୱକୁ ପଶିଯାଇଥିଲା। ମାତ୍ର ରାସ୍ତା ପାର୍ଶ୍ୱରେ ଥିବା ବାଡ଼ାରେ ବାଡ଼େଇ ହୋଇ ଅଟକି ଯିବାରୁ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ବସ୍‌ଟି କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲା।

### ଏସିଡ୍ ଆକ୍ରମଣ ସମ୍ପର୍କିତ ଆଇନ ସଚେତନତା ଶିବିର



**ବାଙ୍କୀ,୩୦।୯(ସ୍ୱ.ପ୍ର.):** ବାଙ୍କୀ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏସିଡ୍ ଆକ୍ରମଣ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ସରକାରୀ ବାଳିକା ହାଇସ୍କୁଲଠାରେ ଆୟୋଜିତ ଶିବିରରେ ଆଇନସେବା କମିଟି ଅଧ୍ୟକ୍ଷ ତଥା ବାଙ୍କୀ ସିନିୟର ଡିଭିଜନ ସିଭିଲଜଜ୍ ଦୀପଙ୍କର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କିରଥିଲେ। ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ଡ.ମମତା ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଜାତୀୟ ଆଇନସେବା ପ୍ରାଧିକରଣ ଏବଂ ସର୍ବୋଚ୍ଚ ଅଦାଲତ ଏସିଡ୍ ଆକ୍ରମଣର ଶିକାର ହେଉଥିବା ପୀଡ଼ିତଙ୍କ ପାଇଁ ମାଗଣା ଆଇନ ସହାୟତା ଓ କ୍ଷତିପୂରଣ ସମ୍ପର୍କରେ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏସିଡ୍ ଆକ୍ରମଣ ମାମଲା ବିଚାର ପ୍ରକ୍ରିୟା ଚାଲିଥିଲେ ମଧ ପୀଡ଼ିତଙ୍କୁ କ୍ଷତିପୂରଣ ଦିଆଯାଇପାରିବ ବୋଲି ବ୍ୟବସ୍ଥା ରହିଥିବା ବକ୍ତା ସୂଚନା ଦେଇଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷକ ଅକ୍ଷୟ ପାଣି ସ୍ୱାଗତ ଭାଷଣ ଦେଇଥିଲେ। ହାଇସ୍କୁଲ ଆଇନ୍ ସହାୟତା କ୍ଲବ ତତ୍ତ୍ୱାବଧାରକ ଶିକ୍ଷକ ପ୍ରଶାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀମାନେ ଏସିଡ୍ ଆକ୍ରମଣ ଉପରେ ପର୍ଯ୍ୟବେଶିତ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଶର୍ମିଳା ସାହୁ, ପ୍ରିୟଦର୍ଶିନୀ ମହାରଣା, ସୁରଚିତା ପାଢ଼ୀ, ପିଙ୍କି ଦିଗଲ, ଅନନ୍ତ ଚରଣ ଆଚାର୍ଯ୍ୟ, ସ୍ନେହାଞ୍ଜଳି ମହାପାତ୍ର, ସଞ୍ଜୟ ପତି ଓ ରଜେନ୍ଦ୍ର କୁମାର ମଙ୍ଗୁଆଲଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ଟିଗିରିଆରେ ବିଶ୍ୱ ବଧିର ସପ୍ତାହ ପାଳିତ




**ଟିଗିରିଆ,୩୦।୯(ଡି.ଏନ.ଏ.):** ଟିଗିରିଆ ବ୍ଲକ ଅଧୀନ ପାଞ୍ଚଗାଁ ୟୁଜିଏମ୍‌ଇ ବିଦ୍ୟାଳୟରେ ସୋମବାର ବିଶ୍ୱ ବଧିର ସପ୍ତାହ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଡ. ଦୁର୍ଗାଚରଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଭିନ୍ନକ୍ଷମ ଗୋଷ୍ଠୀ ସାଧନା କର୍ମୀ ସବିତା ପଣ୍ଡା ସଂଯୋଜନା କରିଥିଲେ। ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ବଧିର ବାଧିତ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ବିଆରସିସି ରସାନନ୍ଦ ଲେଙ୍କାଙ୍କ ସହଯୋଗରେ ଅନୁଷ୍ଠିତ ସଭାରେ ଏହି ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ସାଧାରଣରେ ସଚେତନତା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହା ସହିତ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀ ଡ. ନାୟକ ପୁରସ୍କୃତ କରିଥିଲେ। ବ୍ଲକ ରିସୋର୍ସ ପର୍ସନ ବିଜୟ ସାହୁ, ସଞ୍ଜୟ ରତ୍ନ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମଣି ମିଶ୍ର, ପ୍ରମୋଦ ଗୋଛି, ପ୍ରଭାତ କୁମାର ପଣ୍ଡା, ସଚ୍ଚିଦାନନ୍ଦ ରାଉଳ, ଭକ୍ତ ଚରଣ ନାୟକ ଏବଂ ପୂର୍ଣ୍ଣଚନ୍ଦ୍ର ଗୁରୁଁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ନରସିଂହପୁର ଜନଶୁଣାଣି ଶିବିରକୁ ଆସିଲେନି ଜିଲାପାଳ

# ନିରାଶ ହେଲେ ବହୁ ଅଭିଯୋଗକାରୀ

**ନରସିଂହପୁର,୩୦।୯ (ଡି.ଏନ.ଏ./ସ୍ୱ.ପ୍ର.)**



ବ୍ଲକ ସମ୍ମିଳନୀ କକ୍ଷରେ ଜନଶୁଣାଣି କରାଯାଉଛି।

ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ସେହି ଅନୁସାରେ ବ୍ଲକ ଅଞ୍ଚଳରୁ ଅନେକ ଜନସାଧାରଣ ସେମାନଙ୍କ ଅଭିଯୋଗ ନେଇ ଜିଲାପାଳଙ୍କୁ ଜଣାଇବାକୁ ଆସିଥିଲେ। ସେମାନେ ଜିଲାପାଳଙ୍କ ଅପେକ୍ଷାରେ ବ୍ଲକ ବାହାରେ ପ୍ରବଳ ଖରା ସତ୍ତ୍ୱେ ଅପେକ୍ଷା କରିଥିଲେ। ହେଲେ ବୈଠକକୁ ଜିଲାପାଳ ଆସି ପାରିଲେ ନାହିଁ। ଫଳରେ ପ୍ରାୟ ୨୦୦ ଅଭିଯୋଗକାରୀ ଦିନ ୩ଟା ଯାଏ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଥିଲେ ବୋଲି ଓଲବ ସରପଞ୍ଚ ଗଙ୍ଗାଧର ବେହେରା ଅଭିଯୋଗ କରିଛନ୍ତି। ଶିବିରରେ କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ବିଡିଓ ପ୍ରଶାନ୍ତ ତରାଇ, ତହସିଲଦାର ରାଜକିଶୋର ଜେନା, ବ୍ଲକ ସାମାଜିକ ସଂଗଠକ ରବିନାରାୟଣ ମିଶ୍ର ମିଶ୍ର ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ୩୭୫ ଅଭିଯୋଗ ହୋଇଥିଲା। ସେଥିରୁ ୨ଟି ସାମୂହିକ ଅଭିଯୋଗ ଥିଲା। ୧୫ ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା। ମଧୁବାବୁ ପେନଶନ ଓ ବିଧବାଭତ୍ତା ୬ଜଣଙ୍କୁ ପ୍ରଦାନ କରାଯାଇଥିଲା। ଜାତୀୟ ପରିବାର କଲ୍ୟାଣ ଯୋଜନାରେ ୩ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏ, ଜିଲା ରେଡକ୍ରସ ପାଣ୍ଠିରୁ ୪ଜଣଙ୍କୁ ୨୦୦୦ ଟଙ୍କା ଲେଖାଏ, ଜଣେ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ବ୍ଲକ ଅଧୀନ ସିଆରିଆ ଗ୍ରାମର ମୁରଲିଧର ନାଥ ଅତିରିକ୍ତ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ

**■୩୭୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା**

**■୧୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି**

ଯେ, ଆବାସ ଯୋଜନା ପାଇବା ପାଇଁ ପ୍ରାୟ ବର୍ଷ ହେବ ତାଲିକାରେ ୧ ନମ୍ବରରେ ଅଛନ୍ତି। ମାତ୍ର ତାଙ୍କୁ ଘରଟିଏ ମିଳିପାରିନାହିଁ। ଏକଥା ଶିବିରରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେହିପରି ପାହାଡ ପର୍ବତ ଘେରା ଓଲବ ପଞ୍ଚାୟତରେ୨୭ଜଣ ୭୦ ବର୍ଷୀୟ ବୃଦ୍ଧା, ୧୭ ଜଣ ଅବିବାହିତ ଝିଅ ପ୍ରାୟ ୧ ବର୍ଷଧରି ଭତ୍ତାପାଇଁ ଆବେଦନ କରି ନିରାଶ ହୋଇଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ପଞ୍ଚାୟତର ସରପଞ୍ଚ ମଧ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟ କହିଛନ୍ତି, ଅକ୍ଟୋବର ୧୫ ସୁଦ୍ଧା ପ୍ରକୃତ ହିତାଧିକାରୀଙ୍କୁ ତାଙ୍କ ହକ୍ ପ୍ରଦାନ କରାଯିବ। ଜିଲାପାଳଙ୍କ ଅନୁପସ୍ଥିତ ସମ୍ପର୍କରେ ବିଡିଓ ତରାଇ କହିଛନ୍ତି, ଏକ ରାଜ୍ୟସ୍ତରୀୟ ବୈଠକରେ ଯୋଗଦେବାକୁ ଜିଲାପାଳଙ୍କୁ ହଠାତ୍ ନିର୍ଦ୍ଦେଶ ଆସିଲା। ସେଥିପାଇଁ ସେ ଜନ ଶୁଣାଣିରେ ଯୋଗ ଦେଇ ପାରିଲେନି।

## ପୁଷ୍ପଗିରି ଭବନ କବାଟ, ଝରକା ତାଡ଼ିନେଲେ ଦୁର୍ବୃତ୍ତ

**ଲଳିତଗିରି, ୩୦।୯ (ସ୍ୱ.ପ୍ର.)**

ହିରକ ତ୍ରିଭୁଜ ଅନ୍ତର୍ଗତ ପ୍ରସିଦ୍ଧବୌଦ୍ଧ ବିହାର ଲଳିତଗିରି ପାଦଦେଶରେ ଥିବା ପୁଷ୍ପଗିର ଭବନ ଏବେ ଭୂତ କୋଠିରେ ପରିଣତ ହୋଇଛି। ଏହାର ସୁଯୋଗରେ ପୁଷ୍ପଗିରି ଭବନରେ ରହିଥିବା ମୂଲ୍ୟବାନ ଆସବାବପତ୍ର କେବେଠାରୁ ଚୋରି ହୋଇଯାଇଥିଲା। ହେଲେ ଏନେଇ ଠିକା ସଂସ୍ଥା କିମ୍ବା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାରି ମଧ୍ୟରେ ସୋମବାର ଭବନର ସମସ୍ତ ଝରକା ଓ କବାଟ କେହି ଦୁର୍ବୃତ୍ତ ତାଡ଼ି ନେଇଥିବା ଦେଖି ଗ୍ରାମବାସୀ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ମାତ୍ର ଦାୟିତ୍ୱରେ ଥିବା ସଂସ୍ଥାର ଅଧିକାରୀ କିମ୍ବା ପର୍ଯ୍ୟଟନ ବିଭାଗ ଅଧିକାରୀ କୌଣସି ପଦକ୍ଷେପ ନେଇନାହାନ୍ତି। ଠିକା ସଂସ୍ଥାର ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ଏହି ଲୁଟରେ ସେମାନଙ୍କ ସମ୍ପୃକ୍ତି ରହିଥିବା ଆଲୋଚନା ହେଉଛି। ଏସମ୍ପର୍କରେ ଠିକା ସଂସ୍ଥା ପକ୍ଷରୁ ଦାୟିତ୍ୱରେ ଥିବା ସତ୍ୟବ୍ରତ ଦାସଙ୍କୁ ପଚାରିବାରୁ କୌଣସି ମତାମତ ଦେବାକୁ ବାଧ୍ୟ ନୁହେଁ ବୋଲି କହିଥିଲେ। ଠିକା ସଂସ୍ଥା ଚୁକ୍ତି ନିୟମାବଳିକୁ ଉଲଙ୍ଘନ କରୁଥିବାରୁ ଏହାର ଚୁକ୍ତି ବାତିଲ କରିବାକୁ ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟ, ଲଳିତଗିରି ବୌଦ୍ଧବିହାରକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଗୃହ ନିର୍ମାଣ କରାଯାଇଥିଲା। ହୀରକ ତ୍ରିଭୁଜର ବିକାଶ ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପତରାଜପୁରଠାରେ ନିର୍ମାଣ କରାଯାଇଥିବା ପାନ୍ଥଶାଳା ଓ ଲଳିତଗିରିର ପୁଷ୍ପଗିରି ଭବନକୁ ଘରୋଇ ସଂସ୍ଥା ଟି.କେ. ଇଣ୍ଟରନ୍ୟାଶନାଲକୁ ହସ୍ତାନ୍ତର କରାଯାଇଥିଲା।

### ବିଦ୍ୟାଳୟ ପାଚିକା ଚୟନ ବିବାଦ ସମାଧାନ ହେଉନି

## ୮ ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ

**ମାହାଙ୍ଗା,୩୦।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତ ଅଧୀନ ସାହାସପୁର ପ୍ରାଥମିକ ବିଦ୍ୟାଳୟରେ ପାଚିକା ଚୟନ ବିବାଦ ଲାଗିରହିଛି। ଏହି କାରଣରୁ ୮ଦିନ ହେଲା ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ରହିଛି। ଫଳରେ କୋମଳମତୀ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରୁ ବଞ୍ଚିତ ହେଉଛନ୍ତି। ମଧ୍ୟାହ୍ନଭୋଜନ ଦିଆଯାଉ ନ ଥିବାରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ଦାସ ପିଲାଙ୍କୁ ବିସ୍କୁଟ ଦେଉଛନ୍ତି। ଏହି ଘଟଣା ନେଇ ଅସନ୍ତୋଷ ବଢ଼ିବାରୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏବିଇଓ ନାରାୟଣ ରାଉତ ସୋମବାର ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ମଧ୍ୟାହ୍ନେଭୋଜନ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଓ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେବ ପାଚିକା ଚୟନ ବିବାଦ ଲାଗି ରହିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବା ସହ ଗତ ୨୧ତାରିଖରେ କେତେକ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ସମସ୍ୟାର ସମାଧାନ ଦାବି କରିଥିଲେ। ସେତେବେଳେ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିବାବେଳେ ସେ ଘଟଣାର ସମାଧାନ ଦୁଇ ଦିନ ଭିତରେ କରାଯିବ ବୋଲି କହିଥିଲେ। କିନ୍ତୁ ଏହା ମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ କୌଣସି ସମାଧାନ ହୋଇନାହିଁ। ଘଟଣା ସମ୍ପର୍କରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏବିଇଓ ରାଉତଙ୍କୁ ପଚାରିବାରୁ ସେ କହିଥିଲେ, ଯେତେ ଦିନ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ବନ୍ଦ ରହିବ ସେ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନର ଅର୍ଥ ଛାତ୍ରୀଛାତ୍ର କିମ୍ବା ତାଙ୍କ ଅଭିଭାବକଙ୍କୁ ବ୍ୟାଙ୍କ ଖାତାକୁ ପଠାଯିବ। ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ତଦନ୍ତ କରି ଏକ ରିପୋର୍ଟ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛି। ଛୁଟି ପରେ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।



ବାଙ୍କୀ: ମା' ଚର୍ଚ୍ଚିକାଙ୍କ ଷୋଡ଼ଶ ଉପଚାର ପୂଜାର ୯ମ ଦିବସ। ଟିଗିରିଆ ବ୍ଲକ ବିନ୍ଧାଣିମାସ୍ଥିତ ମା' ବୁଢ଼ୀ ମଙ୍ଗଳାଙ୍କ ନାରାୟଣୀ ବେଶ।

### ଆଇନ ସଚେତନତା କାର୍ଯ୍ୟକ୍ରମ

**ବଡ଼ମ୍ବା,୩୦।୯(ଡି.ଏନ.ଏ.)**

ବଡ଼ମ୍ବା ତାଲୁକ ଆଇନସେବା କମିଟି ପକ୍ଷରୁ ବନମାଳିପୁରସ୍ଥିତ ବି.ବି. ହାଇସ୍କୁଲ ପରିସରରେ ସୋମବାର ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ୍‌ସେବା କମିଟି ଅଧ୍ୟକ୍ଷା ତଥା ବଡ଼ମ୍ବା ଜୁଡିସିଆଲ ମାଜିଷ୍ଟ୍ରେଟ୍ ରେଖାରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହରିହର ବଳବନ୍ତରାୟ, ଫ୍ରଣ୍ଟ ଅଫିସ୍ ଲିଗାଲ ରିଟେନର ଅମୂଲ୍ୟ ପାଣିଗ୍ରାହୀ, ଆଇନଜୀବୀ ନାରାୟଣ ଦାଶ ପ୍ରମୁଖ ଯୋଗଦେଇ ଭାରତୀୟ ପିଙ୍ଗଳକୋଡ୍ ଓ ଏସିଡ୍‌ପୀଡିତାଙ୍କ ପାଇଁଥିବା ବିଭିନ୍ନ ଆଇନ୍ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। କମିଟି ଅଧ୍ୟକ୍ଷା ପଣ୍ଡା ଉକ୍ତ ଆଇନ୍ ଓ ଏହା ଉପରେ ଥିବା ବିଭିନ୍ନ ସହାୟତା ଉପରେ ବୁଝାଇଥିଲେ।

## ପୋଲିସକୁ ମାଡ଼ ମାରି ଜଣେ ଗିରଫ

**ଲଳିତଗିରି,(ସ୍ୱ.ପ୍ର.)**

କୁମୁଡ଼ାଜୟପୁର ଫାଣ୍ଡି କନଷ୍ଟେବଲ ରାମ ମୁଣ୍ଡାଙ୍କୁ ମାଡ଼ ମାରିବା ଅଭିଯୋଗରେ ସୋମବାର ମାହାଙ୍ଗା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଧୁପୁର ଗ୍ରାମର ସୁନୀଲ ଜେନା (୩୬)। ରବିବାର ସନ୍ଧ୍ୟାରେ ମଧୁପୁରଠାରେ ଏକ ଦୋକାନ ସାମ୍ନାରେ ପାଗୁତୁଣ୍ଡ ଖବର ପାଇ କନଷ୍ଟେବଲ ରାମ ପହଞ୍ଚିଥିଲେ। ଏହି ସମୟରେ ସୁନୀଲ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ରାମଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ-୧୮୪/୧୯ ରୁଜୁ କରି ତଦନ୍ତ ଚଳାଇଥିଲା।

## ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସହାୟତା

**ବଡ଼ମ୍ବା,୩୦।୯(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ସଭାଗୃହରେ ସୋମବାର ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୧୩୧ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବିଡିଓ ସଦାନନ୍ଦ ସେଠୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥିଭାବେ ଏମ୍‌ପି ଭର୍ତ୍ତୃହରି ମହାତବ, ମୁଖ୍ୟବକ୍ତା ବିଧାୟକ ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷା ଅନୁସୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଷ୍ଟେଟ୍‌ବ୍ୟାଙ୍କ୍ କଟକ ଆଞ୍ଚଳିକ ପ୍ରବନ୍ଧକ ଦିବ୍ୟେନ୍ଦୁ ଦାଶ, ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ବିଶ୍ୱନାଥ ଆଧେକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁରଲୀଧର ମହାପାତ୍ର, ବ୍ଲକ ସିଡିପିଓ ପ୍ରମିଳା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ମ୍ବା ଷ୍ଟେଟ୍‌ବ୍ୟାଙ୍କ ଶାଖା, କରଡିବନ୍ଧ ଶାଖା, ବଡ଼ମ୍ବା ୟୁକୋ ବ୍ୟାଙ୍କ ଶାଖା, ମାଣିଆବନ୍ଧ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଓ ଗୋପୀନାଥପୁର ଶାଖା ପକ୍ଷରୁ ଉକ୍ତ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଗୋପପୁର ଓ ଅଭିମାନପୁରର ୧୩ ଗୋଷ୍ଠୀଙ୍କୁ ସହାୟତା କରାଯାଇଥିବାବେଳେ ବଡ଼ମ୍ବା ପଞ୍ଚାୟତର ୨୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜୀବିକା ମିଶନ ବଡ଼ମ୍ବା ବ୍ଲକ ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ମୋନାଲିସା ତ୍ରିପାଠୀ ପରିଚାଳନା କରିଥିଲେ। ଗୋଷ୍ଠୀ ସଂଯୋଜିକା ସବିତା ସାହୁ, ସ୍ୱର୍ଣ୍ଣଲତା ଲେଙ୍କା ଓ ଅଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଏମ୍‌ପି, ବିଧାୟକ ସହାୟତା ରାଶି ପ୍ରଦାନ କରୁଛନ୍ତି।

## ଗ୍ରାମ୍ୟ କୃଷି କର୍ମଚାରୀଙ୍କ କର୍ମଶାଳା

**ଟିଗିରିଆ,୩୦।୯(ଡି.ଏନ.ଏ.)**

ଆଠଗଡ଼ କୃଷି ଜିଲା ଅଧୀନ ୪ ବ୍ଲକର ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନେଇ ସୁରକ୍ଷିତ କୀଟନାଶକ ପ୍ରୟୋଗର ବିଦ୍ଧି ସମ୍ପର୍କିତ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଟିଗିରିଆ ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସୁରକ୍ଷିତ କୀଟନାଶକ ପ୍ରୟୋଗ ଓ ଏହାର ବିଭିନ୍ନ ବିଦ୍ଧି ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା ଲାଗି ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମୁଖ୍ୟଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ପରେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଆଠଗଡ଼ କୃଷିଜିଲା ଅଧିକାରୀ ପ୍ରଫୁଲ୍ଲ ମାଟି, ସୁଜାତା ପଟ୍ଟନାୟକ ଏବଂ ଡ. ଆର୍ଯ୍ୟୁଧେୟୀ ମିଶ୍ର ଯୋଗଦେଇଥିଲେ

### ଛାଣିପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ସମସ୍ୟା

## ସମାଧାନ ଦାବିରେ ଗଣଧାରଣା

**ସାଲେପୁର,୩୦।୯(ଡି.ଏନ.ଏ.)**




ବିଦ୍ୟାଳୟ ଆଗରେ ଧାରଣା ଦିଆଯାଉଛି।

ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ଛାଣିପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ସମସ୍ୟା ଲାଗିରହିଛି। ତେଣୁ ଏସବୁର ସମାଧାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ, ଅଭିଭାବକ, ପୁରାତନଛାତ୍ର ଓ ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଧାରଣାକାରୀଙ୍କ କହିବା ଅନୁଯାୟୀ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ କିରାଣି ହୀନକାର୍ଯ୍ୟ କରୁଛନ୍ତି। ସେହିପରି ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। ହିନ୍ଦୀ, ସଂସ୍କୃତ ଓ ଉର୍ଦ୍ଦୁ ଶିକ୍ଷକ ପଦବୀ ଦୀର୍ଘ ୪ବର୍ଷ ହେବ ଖାଲିପଡ଼ିଛି। ଫଳରେ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଏସମ୍ପର୍କରେ ଆମେ ବହୁପୂର୍ବରୁ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଛୁ। ହେଲେ କୌଣସି ସୁଫଳ ନ ମିଳି ନ ଥିଲା। ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ଧାରଣା ଦେଇଛୁ। ଗଣଧାରଣାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଂଗ୍ରାମ ପଟ୍ଟନାୟକ, ଜଗାଶିଷ୍ କର, ବିଜୟ କୁମାର ଦାସ, ନରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ସାମିଲ୍ ହୋଇଥିଲେ। ସାଲେପୁର ଶିକ୍ଷାମଣ୍ଡଳ ଅଧିକାରୀ ପ୍ରେମଲତା ନାୟକ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରି ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି କହିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

**ସାଲେପୁର,୩୦।୯(ଡି.ଏନ.ଏ.)**



ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ।

ସାଲେପୁର ବଜାରରେ ସୋମବାର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ସାଲେପୁର ବଜାରଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପଜେନା ଯୋଗଦେଇ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସାଲେପୁରବାସୀଙ୍କ ସୁଖ ଦୁଃଖରେ ସାମିଲ୍ ହୋଇ କାର୍ଯ୍ୟ କରିବି ବୋଲି କହିଥିଲେ। ରାଜ୍ୟବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ଯୁବବିଜେଡି ସଭାପତି ସଞ୍ଜିତ୍ ଦାଶ, ଚନ୍ଦ୍ରାଦେଇପୁର ସରପଞ୍ଚ ଅନୀଲ ଦାସ, ସମିତିସଭ୍ୟ ସନ୍ତୋଷ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ଜିଲାପରିଷଦ ସଭ୍ୟ ଅଶୋକ ଭୂୟାଁ, ଚିତ୍ତରଞ୍ଜନ ମହାନ୍ତି, ସୁବାଶିଷ୍ ପ୍ରଧାନଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ମନ୍ତ୍ରୀ ଜେନାଙ୍କୁ ଶିଶୁଆ ଡାକବଙ୍ଗଳା ପରିସରରୁ ବହୁ ଯୁବଛାତ୍ର ଓ କର୍ମୀ ଶୋଭାଯାତ୍ରା ମାଧ୍ୟମରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ଶେଷରେ ନବକିଶୋର କର ଧନ୍ୟବାଦ ଦେଇଥିଲେ।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

**ଚୌଦ୍ୱାର,୩୦।୯(ଡି.ଏନ୍.ଏ):** ଚୌଦ୍ୱାର ପୌରପାଳିକା ୧୩ନଂ. ୱାର୍ଡ ପାଇକରାପୁର ଗ୍ରାମର ବିପିନ ସାହୁ(୨୨)ଙ୍କ ମୃତଦେହ ସୋମବାର ପୋଲିସ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ବିପିନ ଦୋକାନ ବନ୍ଦ କରି ଘରକୁ ଆସି ଖାଇବା ପରେ ଶୋଇଥିଲେ। ସକାଳୁ ତାଙ୍କ ଶୋଇବା ଘର ଖୋଲାଥିବା ଓ ସେ ଆଜବେଷ୍ଟସ୍ ତଳ ପାଇପରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ବିପିନଙ୍କୁ ତଳକୁ ଆଣିଥିଲେ ମଧ ତାଙ୍କ ମୃତ୍ୟୁ ହୋଇସାରିଥିବା ପରିବାର ଲୋକେ କହିଛନ୍ତି। ଖବରପାଇ ଟିପିଏମ୍ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୧୯)ରୁଜୁ ହୋଇଛି।

### ହାଇକୋର୍ଟ ଏଜି, ବାର୍ ସଭାପତିଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୩୦।୯:** ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ସଭାପତି ବିଚିତ୍ର କୁମାର ବଡ଼ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ହାଇକୋର୍ଟର ଆଡ୍‌ଭୋକେଟ ଜେନେରାଲ(ଏଜି) ଅଶୋକ କୁମାର ପରିଜାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆସନ୍ତା ଡିସେମ୍ବର ୨୯ ଓ ୩୦ରେ ଅନୁଗୋଳଠାରେ ହେବାକୁ ଥିବା ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ବାର୍ଷିକ ଅଧିବେଶନରେ ଯୋଗଦେବା ପାଇଁ ଅଶୋକଙ୍କୁ ନିମନ୍ତ୍ରିଣ କରାଯାଇଛି। ଏହି ପ୍ରତିନିଧି ଦଳ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କୁ ମଧ ତାଙ୍କ ବାସଭବନରେ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ଉପସଭାପତି ଅକ୍ଷୟ ପତି, ସୁଶାନ୍ତ ବରାଳ, ବିଭୁ ପ୍ରସନ୍ନ ମହାପାତ୍ର, ହରିନାରାୟଣ ସ୍ୱାଇଁ, ଦୁଃଶାସନ ରାଉତ, ଅଜୟ ମହାରଣା ଓ ସୌମ୍ୟରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

### ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

**କଟକ ସଦର,୩୦।୯(ଡି.ଏନ୍.ଏ):** ୪୨ମୌଜା ଫାଣ୍ଡି ଅନ୍ତର୍ଗତ ଦ୍ୱିବାଟି ଅଞ୍ଚଳର ଚିତ୍ତରଞ୍ଜନ ଭୋଳଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପାଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ, ରବିବାର ରାତିରେ ଚିତ୍ତରଞ୍ଜନଙ୍କ ପରିବାର ଲୋକେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଏକ ବ୍ୟାଗରେ ଥିବା ଟଙ୍କା ଓ ସୁନା ଅଳଙ୍କାର ନେଇ ପଳାଇଯାଇଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

**କଟକ ଅଫିସ, ୩୦।୯:** ଲାୟନ୍ସ କ୍ଲବ କଟକ ପ୍ଲାଟିନମ ଓ ମେଲଭିନ ଜୋନ୍ସ ଆଇ ହସ୍ପିଟାଲ ପକ୍ଷରୁ ସିଡିଏ ସେକ୍ଟର-୬ସ୍ଥିତ ଶିଶୁ ଭାରତୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ ପ୍ଲାଟିନମର ସମ୍ପାଦକ ଶୁଭକାନ୍ତ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୧୫ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କ ମଧରୁ ୨୦ ଜଣଙ୍କ ଚକ୍ଷୁ ସମସ୍ୟା ଥିବା ଚିହ୍ନଟ କରାଯାଇଥିଲା। ଲାୟନ୍ସ କ୍ଲବ ପ୍ଲାଟିନମର ଉପସଭାପତି ଗୌତମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବତନ ସମ୍ପାଦକ ବିଭୂତି ଭୂଷଣ ଜେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୩୦।୯:** କଟକ ମହାନଗର ପୂବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ସଙ୍ଗଠନର ପୂର୍ବତନ ସମ୍ପାଦକ ବିଭୂତି ଭୂଷଣ ଜେଠୀଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଚାଉଳିଆଗଞ୍ଜ ପୂଜା କମିଟି ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ବିଜୟ କୁମାର ସାହୁ ଅଧକ୍ଷତା ଅନୁଷ୍ଠିତ ସଭାରେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଜେଠୀଙ୍କ ବ୍ୟକ୍ତିତ୍ୱ ଓ ସମାଜ ପ୍ରତି ଥିବା ଅବଦାନ ବିଷୟରେ କହିଥିଲେ। ଏଥିରେ କମିଟିର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କୋଷାଧକ୍ଷ ନିରଞ୍ଜନ ସାହୁଙ୍କ ସମେତ ସହରର ବିଭିନ୍ନ ପୂଜା କମିଟିର ସଦସ୍ୟ ଯୋଗଦେଇଥିଲେ।

## ■ ନରସିଂହପୁର ଜନଶୁଣାଣି ଶିବିରକୁ ଆସିଲେନି ଜିଲାପାଳ

# ନିରାଶ ହେଲେ ବହୁ ଅଭିଯୋଗକାରୀ

**ନରସିଂହପୁର,୩୦।୯ (ଡି.ଏନ.ଏ./ସ୍ୱ.ପ୍ର.)**

■୩୭୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା
■୧୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି

ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ସେହି ଅନୁସାରେ ବ୍ଲକ ଅଞ୍ଚଳରୁ ଅନେକ ଜନସାଧାରଣ ସେମାନଙ୍କ ଅଭିଯୋଗ ନେଇ ଜିଲାପାଳଙ୍କୁ ଜଣାଇବାକୁ ଆସିଥିଲେ। ସେମାନେ ଜିଲାପାଳଙ୍କ ଅପେକ୍ଷାରେ ବ୍ଲକ ବାହାରେ ପ୍ରବଳ ଖରା ସତ୍ତ୍ୱେ ଅପେକ୍ଷା କରିଥିଲେ। ହେଲେ ବୈଠକକୁ ଜିଲାପାଳ ଆସି ପାରିଲେ ନାହିଁ। ଫଳରେ ପ୍ରାୟ ୨୦୦ ଅଭିଯୋଗକାରୀ ଦିନ ୩ଟା ଯାଏ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଥିଲେ ବୋଲି ଓଲବ ସରପଞ୍ଚ ଗଙ୍ଗାଧର ବେହେରା ଅଭିଯୋଗ କରିଛନ୍ତି। ଶିବିରରେ କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ବିଡିଓ ପ୍ରଶାନ୍ତ ତରାଇ, ତହସିଲଦାର ରାଜକିଶୋର ଜେନା, ବ୍ଲକ ସାମାଜିକ ସଂଗଠକ ରବିନାରାୟଣ ମିଶ୍ର ମିଶ୍ର ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ୩୭୫ ଅଭିଯୋଗ ହୋଇଥିଲା। ସେଥିରୁ ୨ଟି ସାମୂହିକ ଅଭିଯୋଗ ଥିଲା। ୧୫ ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା। ମଧୁବାବୁ ପେନଶନ ଓ ବିଧବାଭତ୍ତା ୬ଜଣଙ୍କୁ ପ୍ରଦାନ କରାଯାଇଥିଲା। ଜାତୀୟ ପରିବାର କଲ୍ୟାଣ ଯୋଜନାରେ ୩ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏ, ଜିଲା ରେଡକ୍ରସ ପାଣ୍ଠିରୁ ୪ଜଣଙ୍କୁ ୨୦୦୦ ଟଙ୍କା ଲେଖାଏ, ଜଣେ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ବ୍ଲକ ଅଧୀନ ସିଆରିଆ ଗ୍ରାମର ମୁରଲିଧର ନାଥ ଅତିରିକ୍ତ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ ଯେ, ଆବାସ ଯୋଜନା ପାଇବା ପାଇଁ ପ୍ରାୟ ବର୍ଷେ ହେବ ତାଲିକାରେ ୧ ନମ୍ବରରେ ଅଛନ୍ତି। ମାତ୍ର ତାଙ୍କୁ ଘରଟିଏ ମିଳିପାରିନାହିଁ। ଏକଥା ଶିବିରରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେହିପରି ପାହାଡ ପର୍ବତ ଘେରା ଓଲବ ପଞ୍ଚାୟତରେ୨୭ଜଣ ୭୦ ବର୍ଷୀୟ ବୃଦ୍ଧା, ୧୭ ଜଣ ଅବିବାହିତ ଝିଅ ପ୍ରାୟ ୧ ବର୍ଷଧରି ଭତ୍ତାପାଇଁ ଆବେଦନ କରି ନିରାଶ ହୋଇଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ପଞ୍ଚାୟତର ସରପଞ୍ଚ ମଧ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟ କହିଛନ୍ତି, ଅକ୍ଟୋବର ୧୫ ସୁଦ୍ଧା ପ୍ରକୃତ ହିତାଧିକାରୀଙ୍କୁ ତାଙ୍କ ହକ୍ ପ୍ରଦାନ କରାଯିବ। ଜିଲାପାଳଙ୍କ ଅନୁପସ୍ଥିତ ସମ୍ପର୍କରେ ବିଡିଓ ତରାଇ କହିଛନ୍ତି, ଏକ ରାଜ୍ୟସ୍ତରୀୟ ବୈଠକରେ ଯୋଗଦେବାକୁ ଜିଲାପାଳଙ୍କୁ ହଠାତ୍ ନିର୍ଦ୍ଦେଶ ଆସିଲା। ସେଥିପାଇଁ ସେ ଜନ ଶୁଣାଣିରେ ଯୋଗ ଦେଇ ପାରିଲେନି।




ପିଆଜ ଓ ରସୁଣ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ(ଏମ୍) ପକ୍ଷରୁ ସୋମବାର କଟକ କଲେଜ ଛକସ୍ଥିତ ନେତାଜୀ ପ୍ରତିମୂର୍ତ୍ତି ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।

## ଜିଲା ଦୌରାଜଜ୍‌ଙ୍କ ଚୌଦ୍ୱାର ଜେଲ ପରିଦର୍ଶନ



**ଚୌଦ୍ୱାର,୩୦।୯(ଡି.ଏନ୍.ଏ)**

ଚୌଦ୍ୱାର ଜେଲକୁ ସୋମବାର ଜିଲା ଦୌରାଜଜ୍ ଶିଶିର କୁମାର ରଥ ଓ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ପରିଦର୍ଶନ କରିଥିଲେ। ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେଲ ଅନ୍ତେବାସୀଙ୍କ ସହ ଭାବବିନିମୟ କରିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରିମଳ, ସ୍ୱାସ୍ଥ୍ୟସେବା ଓ ଜେଲ ଭିତରେ ଦିଆଯାଉଥିବା ଶିକ୍ଷା ବ୍ୟବସ୍ଥା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ କର୍ମଚାରୀଙ୍କ ଆବଶ୍ୟକତା ଓ ରୋଗୀସେବା ପାଇଁ ଏକ ଆମ୍ବୁଲାନ୍ସ ଜରୁରୀ ଥିବା କହିବା ସହ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲାପାଳ ଚୟନୀ କହିଥିଲେ। ଏହି ପରିଦର୍ଶନ ବେଳେ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, କଟକ ଜୋନ-୧ ଏସିପି ମାନସ ଗଡ଼ନାୟକ, ଚୌଦ୍ୱାର ଥାନା ଅଧକାରୀ ପଦ୍ମନାଭ ପ୍ରଧାନଙ୍କ ସମେତ କମିଶନରେଟ୍ ପୋଲିସର ବହୁ କର୍ମକର୍ତ୍ତା ସାମିଲ ଥିଲେ। ଜେଲ ଭିତରେ ଥିବା କେତେକ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏହା ତ୍ରୈମାସିକ ପରିଦର୍ଶନ ପ୍ରକ୍ରିୟା ହୋଇଥିବା ଜଲାପାଳ କହିଥିଲେ। ଏହି ପରିଦର୍ଶନ ବେଳେ ଜେଲ ସୁପରିଟେଣ୍ଡେଣ୍ଟ ରାଜ କୁମାର ସାହୁ, ଜେଲର ହେମନ୍ତ ସେଠୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଗାନ୍ଧୀ ସ୍ମାରକୀ ସ୍ଥାପନ ପାଇଁ ଦାବି

**କଟକ ଅଫିସ, ୩୦।୯**

ସ୍ୱାଧୀନତା ସଂଗ୍ରାମ ବେଳେ ଗାନ୍ଧିଜୀ ଓଡ଼ିଶାକୁ ୮ଥର ଆସିଥିଲେ। ଏହି ଗସ୍ତ ସମୟରେ ଗାନ୍ଧିଜୀ ଓଡ଼ିଶାରେ ୭୯ ଦିନ ରହିଥିବାବେଳେ କଟକରେ ସର୍ବାଧିକ ୬ଥର ଅବସ୍ଥାନ କରିଥିଲେ। ଏହି ରହଣି ସମୟରେ ସେ ବିଭିନ୍ନ ଛକରେ ମହିଳା, ଯୁବ, ଛାତ୍ର, କୃଷକ, ଶ୍ରମିକ, ମୁସଲମାନ, ଖ୍ରୀଷ୍ଟିୟାନ ଭାଇମାନଙ୍କୁ ଏକଜୁଟ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ୧୯୨୧ ଦୋଳପୂର୍ଣ୍ଣିମା ଦିନ ଗାନ୍ଧୀଜୀ ପ୍ରଥମେ କଟକ ଆଗମନ କରି ଗଣେଶ ଘାଟସ୍ଥିତ କାଠଯୋଡି ନଦୀବାଲିରେ ଉଦ୍‌ବୋଧନ ଦେଇଥିଲେ। ଏହି ସ୍ମୃତିକୁ ସବୁଦିନ ମନେରଖିବା ପାଇଁ ଗାନ୍ଧିଜୀଙ୍କୁ ଆଚାର୍ଯ ହରିହର ଦେଇଥିବା ବାଡି ଏବଂ ଜନସଭାକୁ ସମ୍ବୋଧିତ କରିଥିବା ଫଟୋର ସ୍ମୃତି ରକ୍ଷା ନିମନ୍ତେ ଏକ ସ୍ମୃତି ସ୍ମାରକୀ କାଠଯୋଡି ବାଲିରେ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଦାବି କରାଯାଇଛି। ଫୋରମ୍‌ର ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପ-ସଭାପତି ତାପସ କୁମାର ଦିବେଦୀ, ଆଇନଜୀବୀ ସର୍ବେଶ୍ୱର ନାୟକ, ଘନଶ୍ୟାମ ମୁଦୁଲି, ସୂର୍ଯ୍ୟକାନ୍ତ ପଲାଇ, ଗିରିଜା ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଯଥାଶୀଘ୍ର କାଠଯୋଡି ନଦୀ ବାଲିରେ ତାଙ୍କର ସ୍ମୃତି ସ୍ମାରକୀ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ବାସହୀନଙ୍କୁ ପରିଚୟପତ୍ର ଯୋଗାଣ ଦାବିରେ ବିକ୍ଷୋଭ

**କଟକ ଅଫିସ, ୩୦।୯**

କଟକ ସହରରେ ଥିବା ଭୂମିହୀନଙ୍କୁ ଚିହ୍ନଟ କରି ପରିଚୟପତ୍ର ଯୋଗାଇବା ଦାବିରେ ସୋମବାର ବସ୍ତିବାସିନ୍ଦାଙ୍କ ଏକତାମଞ୍ଚ ପକ୍ଷରୁ କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଜିଲାପାଳ ଅଫିସରେ ଜିଲାପାଳଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ୧୦୦୦ରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ସାମିଲ ହୋଇଥିଲେ। ବସ୍ତିବାସିନ୍ଦାଙ୍କ ଏକତାମଞ୍ଚ ସଭାପତି ସେଖ୍ ଅବ୍‌ଦୁଲ୍ଲା କହିଛନ୍ତି, କଟକ ସହରର ବସ୍ତି ସମସ୍ୟା ରାଜ୍ୟର ଅନ୍ୟ ସହରାଞ୍ଚଳ ଅପେକ୍ଷା ଅଧିକ ଓ ପୁରୁଣା। ଏହି ସହରରୁ ବସ୍ତି ଆନ୍ଦୋଳନ ପ୍ରଥମେ ଆରମ୍ଭ ହୁଏ। କିନ୍ତୁ ସିଏମ୍‌ସି ଅଞ୍ଚଳରେ ଆଜିପର୍ଯ୍ୟନ୍ତ ଠିକ୍ ଭାବେ ବାସହୀନଙ୍କୁ ଚିହ୍ନଟ କରି ପରିଚୟପତ୍ର ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ମଞ୍ଚର ସାଧାରଣ ସମ୍ପାଦକ ହେମେନ୍ଦ୍ର ସାମଲ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଗତ ଜୁଲାଇରୁ ଜିଲା ପ୍ରଶାସନ ନିକଟରେ ପହଞ୍ଚିଛି। ରାଜ୍ୟର ସମସ୍ତ ସହରରେ ବାସଗୃହ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ କଟକ ସହରରେ ଆଜିପର୍ଯ୍ୟନ୍ତ ସିଏମ୍‌ସି ଓ ଜିଲା ପ୍ରଶାସନ ପକ୍ଷରୁ ଏହା ଆରମ୍ଭ ହୋଇପାରିଲାନାହିଁ। ଏହି ଯୋଜନାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅରବିନ୍ଦ ମଲ୍ଲିକ, ମହିଳା ନେତ୍ରୀ ନୟନା ନାଏକ, ସଜନୀ ଦାସ, ଏନ୍.ରାଜୁ ରାଓ, ରାମଚନ୍ଦ୍ର ମଲ୍ଲିକ, ବାମପନ୍ଥୀ ନେତା ପ୍ରତାପ ମହାପାତ୍ର, ପଦ୍ମାବତି ନାଏକ, ସଜନୀ ଦାସ, ରବି ମଲ୍ଲିକ, ବାସନ୍ତୀ ନାଏକ ବକ୍ତବ୍ୟ ରଖିଥିଲେ।

## ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ

**କଟକ ଅଫିସ, ୩୦।୯**

ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନରେ ଥିବା ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ସରକାରଙ୍କ ପକ୍ଷରୁ ବହୁ ନିୟମ କରାଯାଉଥିଲେ ମଧ ତାହା ପାଳନ ହେଉନାହିଁ। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବସ୍ତିକୁ ଓପିପି ଆଇନ୍ ବଳରେ ନୋଟିସ୍ କରାଯାଉଛି। ଜିଲାପାଳ ସିଡିଏ ଅଞ୍ଚଳରେ ଏହି ଆଇନ ବଳରେ ବସ୍ତିବାସିନ୍ଦାଙ୍କୁ ନୋଟିସ୍ କରିବା ପାଇଁ ଇଷ୍ଟେଟ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ବିଭିନ୍ନ ଆଳରେ ବସ୍ତି ଉଚ୍ଛେଦ ପାଇଁ ଆଇନକୁ ଦୁରୁପଯୋଗ କରୁଛନ୍ତି। ଅନ୍ୟ ସହରରେ ବସ୍ତିବାସିନ୍ଦାମାନଙ୍କୁ ଥଇଥାନ ପାଇଁ ସର୍ଭେ ଚାଲିଥିବାବେଳେ କଟକ ସହରରେ ତାହା କରାଯାଉନାହିଁ। ପ୍ରଶାସନର ଏଭଳି ଆଭିମୁଖ୍ୟକୁ ବିରୋଧ କରି ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ କରାଯିବା ସହ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ଏହାର ନେତୃତ୍ୱ ନେଇଥିଲେ। ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଆଇନଜୀବୀ ସୁକାନ୍ତ ନାୟକ ଏହି ବିକ୍ଷୋଭରେ ଉପସ୍ଥିତ ରହି ବସ୍ତିବାସିନ୍ଦାଙ୍କ ଆନ୍ଦୋଳନକୁ ଦୃଢ ସମର୍ଥନ କରିଥିଲେ। ବସ୍ତିନେତା ଦୀପକ ଦାସ, ପାଭେଲ ପ୍ରିୟଦର୍ଶନ, ସସ୍ମିତା ମହାନ୍ତି, ସିପ୍ରା ମହାନ୍ତି, ପୁଷ୍ପିତା ମହାନ୍ତି, ମାସୁରୀ ଚାତାର ଓ ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ବିକ୍ଷୋଭ ପରିଚାଳନା କରିଥିଲେ।

## ଶିକ୍ଷାବିତ୍ ଡ. ପ୍ରଦୀପ୍ତ କୁମାର ପଣ୍ଡାଙ୍କୁ ଆର୍ତ୍ତବଲ୍ଲଭ ସ୍ମୃତି ସମ୍ମାନ



**କଟକ ଅଫିସ, ୩୦।୯**

ସାହିତ୍ୟ ସାଧକ ତଥା ତାଳପତ୍ର ପୋଥି ଗବେଷକ ପଦ୍ମଶ୍ରୀ ଡ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ସ୍ମୃତିସନ୍ଧ୍ୟା କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଆର୍ତ୍ତବଲ୍ଲଭ ସ୍ମୃତି ସଂସଦ ସଭାପତି ଗୌର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଡ. ନଟବର ଶତପଥୀ କହିଥିଲେ, ଆର୍ତ୍ତବଲ୍ଲଭ ଛୋଟବଡ଼ ୨୭ ଖଣ୍ଡ ପୁସ୍ତକର ଶୁଦ୍ଧପାଠ, ସମ୍ପାଦନା ଏବଂ ମୁଖବନ୍ଧ ରଚନା କରି ନିଜ ଉଜ୍ଜ୍ୱଳ ପ୍ରତିଭାର ପରିଚୟ ଦେଇଛନ୍ତି। ଏଥିରେ ଖ୍ରୀଷ୍ଟ କଲେଜର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ବାବଜୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଗବେଷକ ଓ ଶିକ୍ଷାବିତ୍ ଡ. ପ୍ରଦୀପ୍ତ କୁମାର ପଣ୍ଡାଙ୍କୁ ଆର୍ତ୍ତବଲ୍ଲଭ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କଲେଜ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ହେମନ୍ତ କୁମାର ପରିଡ଼ା ବିବରଣୀ ପାଠ କରିଥିବାବେଳେ ଡ. ପାବକ କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ। ଉତ୍ତରା ଲେଙ୍କା, ପ୍ରସେନଜିତ ମହାନ୍ତି ଏବଂ ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗାନ୍ଧୀଚେତନା ମାଧ୍ୟମରେ ସମାଜରେ ଶାନ୍ତି ପ୍ରତିଷ୍ଠା ହେବ

**କଟକ ଅଫିସ, ୩୦।୯**

ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ପକ୍ଷରୁ ସୋମବାର ବାର୍ଷିକ ଉତ୍ସବ ଓ ସଂଗ୍ରାମୀ ସ୍ମରଣିକା-୨୦୧୯ ଉନ୍ମୋଚିତ ହୋଇଯାଇଛି। ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ସଂସଦର ସଭାପତି ପ୍ରଫେସର ଡ. ଅନନ୍ତ ଚରଣ ସାହୁଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମ ବେଳେ ମହାତ୍ମା ଗାନ୍ଧୀ ଓଡ଼ିଶାକୁ ଆସିଥିଲେ। ଫଳରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇପାରିଛି। ଓଡ଼ିଶାର ଅସଂଖ୍ୟ ସଂଗ୍ରାମୀ ତାଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଅମର କୀର୍ତ୍ତି ରଚିଛନ୍ତି। କ୍ୟାଟ୍‌ର ପ୍ରାକ୍ତନ ଉପାଧକ୍ଷ ମନୋରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମ ସମ୍ବଳିତ ଓ ଗାନ୍ଧିଜୀଙ୍କ ଗୁଣାବଳୀ ସମ୍ପର୍କରେ ଅଧିକରୁ ଅଧିକ ପୁସ୍ତକ ରଚନା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସଭାପତି ସାହୁ କହିଥିଲେ, ଗାନ୍ଧୀଚେତନା ମାଧ୍ୟମରେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ, ସମ୍ପାଦକ ଡ. ସିଦ୍ଧାର୍ଥ ସାହୁ ସମ୍ପାଦକୀୟ ବିବରଣୀ, କାର୍ଯ୍ୟକାରୀ ସଭାପତି ଶ୍ରୀଧର ଦାସ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ଉପସଭାପତି ଡ. ରବିରଞ୍ଜନ ସାହୁ ଗାନ୍ଧୀଙ୍କ ଜୀବନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଡ. ପାବକ କାନୁନ୍‌ଗୋ, ଡ. ଖାରବେଳ ମହାନ୍ତି, ଅରୁଣ ପଣ୍ଡା, ନରସିଂହ ମହାପାତ୍ର, କୃଷ୍ଣଚନ୍ଦ୍ର ପୃଷ୍ଟି, ବିଶ୍ୱଜିତ ରାୟ, କିଶୋର ମହାନ୍ତି ଆଲୋଚନାରେ ଭାଗ ନେଇଥିଲେ। ସମ୍ପୂର୍ଣ୍ଣାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ଏକ ସାମ୍ ଶହିଦୋ କେ ନାମ କାର୍ଯ୍ୟକ୍ରମ

**କଟକ ଅଫିସ, ୩୦।୯**

କଟକ ଶହୀଦଭବନଠାରେ ସାଲ୍ୟୁଟ ତ୍ରିରଙ୍ଗା ପକ୍ଷରୁ ସୋମବାର ଏକ ସାମ୍ ସହିଦୋ କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାଜେଶ ଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ଲୋକେଶ ପ୍ରଜାପତି ଯୋଗଦେଇ କହିଥିଲେ, ଶହୀଦମାନେ ହେଉଛନ୍ତି ଦେଶର ପ୍ରକୃତ ନାୟକ। ସେମାନଙ୍କ ପରିବାରର ଦାୟିତ୍ୱ ସମସ୍ତ ଭାରତୀୟ ନାଗରିକଙ୍କ ଦାୟିତ୍ୱ। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ଅନ୍ୟତମ ଅତିଥି ଭାବେ କେପି ଧଳସାମନ୍ତ, ବିଜୟ ଖଣ୍ଡେଲୱାଲ, ନଥମଲ ଚନାନୀ, ଗଣେଶ ପ୍ରସାଦ କାନ୍ଦୋଲି ଯୋଗଦେଇଥିଲେ। ଏହି ଅବସରରେ କାରଗିଲ, ପୁଲୱାମା ଆକ୍ରମଣରେ ପ୍ରାଣ ହରାଇଥିବା ଶହୀଦ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।

## ମହାନଦୀକୁ ଡେଇଁ ଯୁବକ ନିଖୋଜ

**କଟକ ଅଫିସ, ୩୦।୯**

ରବିବାର ବିଳମ୍ବିତ ରାତିରେ ଯୋବ୍ରା ବ୍ୟାରେଜ ନିକଟ ମହାନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ପଣ୍ଡାସାହି ଅଞ୍ଚଳର ଅବିନାଶ ନାୟକ(୨୬)। କୌଣସି କାରଣକୁ ନେଇ ଅବିନାଶ ମହାନଦୀକୁ ଡେଇଁ ପଡିଥିଲେ। ସେଠାରେ ଥିବା କେତେଜଣ ଯୁବକ ଏହା ଦେଖି ଜଗତ୍‌ପୁର ଥାନାକୁ ଖବର ଦେଇଥିଲେ। ପୋଲିସ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରି ମଧ ତାଙ୍କ ପତ୍ତା ପାଇ ନ ଥିଲେ।



ଗଙ୍ଗା ମନ୍ଦିରସ୍ଥିତ ଗୁଜର ବିଦ୍ୟା ନିକେତନ ପରିସରରେ ସୋମବାର ଗୁଜର ଭାରତୀ ପକ୍ଷରୁ ନବରାତ୍ର ପାଳନ କରାଯାଉଛି।

## ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

**ଫୁଲନଖରା,୩୦।୯(ଡି.ଏନ୍.ଏ):**

**ଟ୍ରକ ଧକ୍କାରେ ଛାତ୍ର ଗୁରୁତର**

କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥ ଭାଣପୁର ନିକଟରେ ସୋମବାର ଏକ ଟ୍ରକ ଧକ୍କାରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଗ୍ରାମର ଶଙ୍କର ଦାସ(୬)। ଏ ନେଇ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ପ୍ରଥମ ଶ୍ରେଣୀ ଛାତ୍ର ଶଙ୍କର ଭାଣପୁର ନୋଡାଲ ହାଇସ୍କୁଲକୁ ଯିବା ପାଇଁ ରାସ୍ତା ପାର ହେଉଥିବା ବେଳେ ଏକ ଟ୍ରକ(କେଏ ୦୧ଏଜେ ୯୫୭୫) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ସ୍ଥାନୀୟ ଲୋକେ ଭାଣପୁର ଠାରେ ୧୬ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ କଟକ ସଦର ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ଜୋନ-୪ ଏସିପି ସତ୍ୟରଞ୍ଜନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଥିବା ବେଳେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି।



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ସିମୋର ତପୁ ହତ୍ୟା ଘଟଣା
## କେୟାରଟେକର ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୩୦।୯:**ସିମୋର ଛକରେ ୮ ମାସ ତଳେ ଘଟିଥିବା ତପୁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କେୟାରଟେକର କଟକ ଜିଲା ବାଙ୍କୀ ବ୍ଲକ ଗୋପାଳପୁର ଗାଁର ନରେନ୍ଦ୍ର ମହାରଣା (୪୫)ଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ନରେନ୍ଦ୍ରଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ବର୍ତ୍ତମାନ ବାଘମାରୀ ଥାନାର ସିମେର ଗାଁ ଗତ ୮ମାସ ତଳେ ଖୋର୍ଦ୍ଧା ଆଦର୍ଶ ଥାନା ବାଘମାରୀ ଫାଣ୍ଡିରେ ଥିଲା। ସିମୋର ଗାଁରେ ଏକ ନିର୍ମାଣାଧୀନ କୋଠା ଘରେ ଘରର ମାଲିକ କଣ୍ଠାମଲିମ୍ ଗାଁର ସତ୍ୟବ୍ରତ ପାତ୍ର ଓରଫ ତପୁ (୨୫)ଙ୍କୁ ଗତ ଜାନୁଆରୀ ୨୯ରେ ହତ୍ୟା କରାଯାଇଥିଲା। ହତ୍ୟାସ୍ଥଳୀର ଘର କାନ୍ଥରେ ହତ୍ୟାର କାରଣ ଲେଖି ବାହାର ପଟ କବାଟରେ ତାଲାମାରି ହତ୍ୟାକାରୀ ଫେରାର ହୋଇଯାଇଥିଲେ। ଘରର କେୟାରଟେକର ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବାର ମୃତକଙ୍କ ବାପା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ କେୟାରଟେକରଙ୍କ ସମେତ ଏକାଧିକ ବ୍ୟକ୍ତି ହତ୍ୟାକାଣ୍ଡରେ ସମ୍ପୃକ୍ତି ଥାଇ ପାରନ୍ତି ବୋଲି ସନ୍ଦେହ କରିଥିଲେ। ଏ ନେଇ ନଂ. ୨୮/୧୯ରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ପୋଲିସ ହତ୍ୟାକାଣ୍ଡ ସ୍ଥଳରୁ ରକ୍ତଭିଜା ଟାଙ୍ଗିଆ ଜବତ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ ମଧ ସଫଳତା ପାଇ ନ ଥିଲା।

### ଚନ୍ଦ୍ରଗନ୍ତା ବେଶରେ ଦର୍ଶନ ଦେଲେ ମା’ଉଗ୍ରତାରା

**ନିରାକାରପୁର,୩୦।୯(ଡି.ଏନ୍.ଏ.):** ସ୍ଥାନୀୟ ଭୁଷଣ୍ଡପୁରସ୍ଥିତ ମା’ ଉଗ୍ରତାରାଙ୍କ ଶକ୍ତିପୀଠରେ ଆରମ୍ଭ ହୋଇଛି ପାର୍ବଣ। ସୋମବାର ପାର୍ବଣର ତୃତୀୟା ତିଥିରେ ମା’ଉଗ୍ରତାରା ଚନ୍ଦ୍ରଗନ୍ତା ବେଶରେ ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମା’ଙ୍କର ଏହି ବେଶ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରତ୍ୟୁଷରୁ ମା’ଉଗ୍ରତାରାଙ୍କୁ ଚୁଆ, କର୍ପୂର ମିଶା ଜଳରେ ମହାସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ମଙ୍ଗଳ ଆଳତି ପରେ ଶୁଖିଲି ଭୋଗ ଓ ବିଭିନ୍ନ ଫଳମୂଳ ଭୋଗ ଲାଗି କରାଯାଇଥିଲା। ମଧାହ୍ନ ଧୂପରେ ଅନ୍ନଡାଲି ଖିରି, ଖଟା, ମାଛ ବେସର ଓ ମାଛ ପୋଡାବଳି ଅର୍ପଣ କରାଯାଇ ପଞ୍ଚମକାର ମନ୍ତ୍ରରେ ପୂଜାର୍ଚ୍ଚନା କରାଯାଇଥିବା ପୂଜକ ମନୋଜ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ପାର୍ବଣର ପ୍ରଥମଠାରୁ ଦଶମୀ ପର୍ଯ୍ୟନ୍ତ ମା’ଉଗ୍ରତାରା ଭକ୍ତଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେବାର ବିଧି ରହିଛି।

### କାଠି ଦିଅଁ ଭାବେ ମା’ ଭଗବତୀଙ୍କ ଗ୍ରାମ୍ୟ ପରିକ୍ରମା

**ନିରାକାରପୁର,୩୦।୯(ଡି.ଏନ୍.ଏ.):** ପବିତ୍ର ପାର୍ବଣ ଅବସରରେ ଖୋର୍ଦ୍ଧା ଜିଲା ଗୋଲବାଇର ଅଧିଷ୍ଠାତ୍ରୀ ଦେବୀ ମା’ଭଗବତୀ ଶ୍ରଦ୍ଧାଳୁ ଭକ୍ତଙ୍କୁ କାଠିଦିଅଁ ଭାବେ ଦର୍ଶନ ଦେଇ ଗ୍ରାମ୍ୟ ପରିକ୍ରମା କରିଥିଲେ । ଏହି ଅବସରରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ହରିବୋଲ ହୁଳହୁଳି ଓ ନାମ ସଂକୀର୍ତ୍ତନରେ ଗାଁ ପରିବେଶ ଉତ୍ସବମୁଖର ହୋଇଉଠିଥିଲା । ବିଶେଷ କରି ମା’ଙ୍କର ଏହି କାଠିଦିଅଁ ବେଶ ଦେଖିବାକୁ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

### ■ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଖୋର୍ଦ୍ଧା ଅଚାନକ ପରିଦର୍ଶନ
# ବିଡିଓ ଅନୁପସ୍ଥିତ, ପୌର ନିର୍ବାହୀ ଅଧିକାରୀ ଛୁଟିରେ



ମନ୍ତ୍ର ପ୍ରତାପ ଜେନାବିଡିଓଙ୍କ ଅନୁପସ୍ଥିତିରେ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି।

■ **ପ୍ରଶାସନିକ କାର୍ଯ୍ୟରେ ଅବହେଳାକୁ ପରଖି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**
■ **ବିଡିଓଙ୍କ ଅନୁପସ୍ଥିତିରେ ଅଭିଯୋଗ ଶୁଣାଣି କଲେ**

**ଖୋର୍ଦ୍ଧା ଅଫିସ,୩୦।୯:**

ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଖୋର୍ଦ୍ଧା ବ୍ଲକ ଓ ମ୍ୟୁନିସିପାଲିଟିର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ କେତେ ତତ୍ପର ସୋମବାର ପଞ୍ଚାୟତିରାଜ ଓ ପାନୀୟଜଳ, ଆଇନ, ଗୃହ ନିର୍ମାଣ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ପରିଦର୍ଶନରେ ଆସି ଜାଣି ପାରିଛନ୍ତି। ପ୍ରଶାସନିକ କାର୍ଯ୍ୟରେ ଅବହେଳା କାରଣରୁ ଲୋକେ ସରକାରୀ ଯୋଜନାରୁ ସୁଫଳ ପାଉ ନ ଥିବା ମନ୍ତ୍ରୀ ଜେନା ଅନୁଭବ କରି ବିରକ୍ତି ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଛନ୍ତି। ମନ୍ତ୍ରୀଙ୍କ ଅଚାନକ ପରିଦର୍ଶନ ସମୟରେ ଖୋର୍ଦ୍ଧା ବିଡିଓ ପ୍ରଶାନ୍ତ କୁମାର ନାୟକ ଅନୁପସ୍ଥିତ ଥିବାବେଳେ ଓ ଖୋର୍ଦ୍ଧା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଡି. ଶ୍ୱେତପଦ୍ମା ଷଡଙ୍ଗୀ ଛୁଟିରେ ଥିଲେ। ପୁଣି କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ମନ୍ତ୍ରୀ କ୍ଷୋଭ ପ୍ରକାଶ କରି ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକରେ ଅଭିଯୋଗ ଶୁଣାଣି କରିଥିଲେ।

ସୋମବାର ପୂର୍ବାହ୍ନ ୧୦ଟା ୫ମିନିଟ୍‌ରେ ପଞ୍ଚାୟତିରାଜ ମନ୍ତ୍ରୀ ଜେନା ଖୋର୍ଦ୍ଧା ବ୍ଲକରେ ପହଞ୍ଚି ଥିଲେ। ସେତେବେଳକୁ ବିଡିଓ ଆସି ନ ଥିଲେ। କର୍ମଚାରୀଙ୍କର ମଧ ଦେଖା ନ ଥିଲା। ଅଧିକାଂଶ ବିଭାଗରେ ତାଲା ଝୁଲୁଥିଲା। ଅଭିଯୋଗ କରିବାକୁ ଲୋକଙ୍କ ଗହଳି ବଢିଥିଲା। ହେଲେ ଅଭିଯୋଗ ଶୁଣିବାକୁ କେହି ନ ଥିଲେ। ମନ୍ତ୍ରୀ ଜେନା ବିଡିଓଙ୍କ ଚାମ୍ବରରେ ବସି ଦେଖିଲେ କୋଠରିଟି ଛୋଟିଆ ଥିବାବେଳେ ପୁଣି ଅନ୍ଧାରରେ ରହିଛି। ଦୀର୍ଘ ସମୟର ଅପେକ୍ଷା ପରେ ବିଡିଓ ଆସି ନ ଥିଲେ। ଖବରପାଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ ପହଞ୍ଚି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଲୋକଙ୍କ ଅଭିଯୋଗ ଶୁଣି ଶୁଣାଣି କରିଥିଲେ। ପରେ ବ୍ଲକର ନିଜ ବିଭାଗୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷକରି ବୟସ ଗଡି ଚାଲିଥିଲେ ମଧ ବୃଦ୍ଧାବୃଦ୍ଧ ଭତ୍ତା ନ ପାଇବା, ଗୃହଶୂନ୍ୟ ହୋଇ ଘରଟିଏ ନ ପାଇବା, ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଟଙ୍କା, ଫନୀ, ଘରପୋଡି ସହାୟତା ପାଇବାକୁ ବାରମ୍ବାର ଦୌଡିବାକୁ ପଡୁଛି ଲୋକ ଅଭିଯୋଗ ବାଢିଥିଲେ। ଏପରିକି ପିଠା କାର୍ଯ୍ୟକ୍ରମରେ ପାଲା କରି କଳାକାରମାନେ ୧୦ ମାସ ପରେ ବି ଟଙ୍କା ପାଇ ନ ଥିବା ଜାଣି ମନ୍ତ୍ରୀ କ୍ଷୁବ୍ଧ ହୋଇଥିଲେ। ଅଭିଯୋଗକାରୀଙ୍କ ଟଙ୍କା ଶୀଘ୍ର ପ୍ରଦାନ ଉପରେ ପଦକ୍ଷେପ ଗ୍ରହଣ କରି ଜଣାଇବାକୁ ସେ ତାଗିଦ୍ କରିଛନ୍ତି। ଏପରି କି ପିସି ନ ଦେଲେ ଠିକାଦାରଙ୍କ କାର୍ଯ୍ୟ ବିଲ୍ ପାସ ହେଉନି ବୋଲି ଅଭିଯୋଗ ହୋଇଥିଲା। ବ୍ଲକର ବିଭିନ୍ନ କାର୍ଯ୍ୟରେ ଅନିୟମିତତା, ପିସି କାରବାର ପରି ଅଭିଯୋଗମାନ ଶୁଣି ମନ୍ତ୍ରୀ ପୂରା ବ୍ୟତିବ୍ୟସ୍ତ ହୋଇପଡିଥିଲେ। ମନ୍ତ୍ରୀଙ୍କ ଉପସ୍ଥିତିରେ ଜଣେ କନିଷ୍ଠଯନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଜିଲା ପରିଷଦ ଅଧକ୍ଷ ଏବଂ ସରପଞ୍ଚଙ୍କ ମଧ୍ୟରେ କଥା କଟା କଟି ହୋଇଥିଲା। ବ୍ଲକର ଅଧୁନିକୀକରଣ ଏବଂ ଗୃହ ନିର୍ମାଣ ଲାଗି ଅନୁଦାନ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଜେନା ପ୍ରତିଶ୍ରୁତି ଦେଇଛନ୍ତି। ପରେ ଖୋର୍ଦ୍ଧା ମ୍ୟୁନିସିପାଲିଟିକୁ ଯାଇଥିଲେ। ନିର୍ବାହୀ ଅଧିକାରୀ ଛୁଟିରେ ଥିବାବେଳେ ସେଠାରେ ମଧ ସମାନ ଅବସ୍ଥାକୁ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ବିଭିନ୍ନ ପ୍ରକୋଷ୍ଠ ବୁଲି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଗଣମାଧ୍ୟମ ସମ୍ମୁଖରେ ବ୍ଲକ ଓ ପୌର ପ୍ରଶାସନର କାର୍ଯ୍ୟ ସୁଚାରୁ ରୂପେ ହେଉ ନ ଥିବା ମନ୍ତ୍ରୀ ଜେନା ସ୍ୱୀକାର କରିଛନ୍ତି। ପରିଦର୍ଶନ ସମୟରେ ଖୋର୍ଦ୍ଧା ଉପକଣ୍ଠ ୧୬ ନଂ. ଜାତୀୟ ରାଜପଥ ନିକଟବର୍ତ୍ତୀ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଅସ୍ଥାୟୀ ଡମ୍ପିଂୟାର୍ଡକୁ ମନ୍ତ୍ରୀ ବୁଲିବା ସମୟରେ ରାସ୍ତା ଉପରେ କିପରି ଜୁଡ଼ ଜୁଡ଼ ଆବର୍ଜନା ପଡି ରହିଛି ଦେଖିଥିଲେ। ଆବର୍ଜନା ପରିବେଶ ଉପରେ କୁପ୍ରଭାବକୁ ଲକ୍ଷ୍ୟ କରି ଖୋର୍ଦ୍ଧା ସହରକୁ ସ୍ୱଚ୍ଛ ଏବଂ ଆବର୍ଜନା ମୁକ୍ତ କରିବାକୁ ଯୋଜନା କରାଯାଇଛି ବୋଲି କହିଥିଲେ। ଖୁବ୍‌ଶୀଘ୍ର ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗଠାରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ମାଇକ୍ରୋ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯିବା ଲାଗି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଇ ଅସ୍ଥାୟୀ ଡମ୍ପିଂୟାର୍ଡକୁ ବନ୍ଦ କରାଯିବ। ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ମନ୍ତ୍ରୀ ଜେନାଙ୍କ ଅଚାନକ ଗସ୍ତ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଥିବାବେଳେ କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ଭୟ ସୃଷ୍ଟି କରିଛି। ମନ୍ତ୍ରୀଙ୍କ ସହ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ପ୍ରତାପ ଦାସ ମଧ ସାମିଲ ହୋଇଥିଲେ।

## ବସନ୍ତ ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ

**ଯାଁଳା,୩୦।୯(ଡି.ଏନ.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଗାରୁ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ଯାଁଳା ଓ ଗଙ୍ଗପଡ଼ା ପଞ୍ଚାୟତରେ ଏହାର ସଂଖ୍ୟା ଅଧିକ ଦେଖିବାକୁ ମିଳିଛି। ଗାଈମାନଙ୍କ ଶରୀର ବିଭିନ୍ନ ସ୍ଥାନ ଫୁଲିଯାଉଛି। ଫୁଲିବା ସହ ଲାଲରଙ୍ଗ ପଡ଼ି ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଗୋରୁ କଷ୍ଟ ପାଇବା ସହ ରଖିଥିବା ଲୋକେ ଚିନ୍ତାରେ ପଡୁଛନ୍ତି। ଏହିପରି ଶତାଧିକ ଗାଈ ଏହି ରୋଗରେ ଆକ୍ରାନ୍ତ ହୋଇ କଷ୍ଟ ପାଉଛନ୍ତି। ଏ ନେଇ ଜଟଣୀ ପ୍ରାଣୀ ଚିକିତ୍ସାଳୟର ଡା. ଶରତ ମିଶ୍ର କୁହନ୍ତି ଏହା ଏକ ଭୂତାଣୁ ଜନିତ ରୋଗ। ଏହାକୁ ଚର୍ମ ବିଣ୍ଡି ବସନ୍ତ ରୋଗ କୁହାଯାଏ। ଆକ୍ରାନ୍ତ ହେବାର ୧୫ରୁ ୨୦ ଦିନ ମଧ୍ୟରେ ଏହି ରୋଗ ମନକୁ ଭଲ ହୋଇଯାଇଥାଏ। ଏ ନେଇ ଲୋକଙ୍କୁ ସଚେତନ କରିବାକୁ ସମସ୍ତ ଏଲ୍‌ଆଇମାନଙ୍କୁ କୁହାଯାଇଛି। ରକ୍ତ ବାହାରି ହେଉଥିବା ଘା’ ଶୁଖାଇବା ପାଇଁ ଔଷଧ ଓ ଡ୍ରେସିଂ ଆଦି କରିବାକୁ ଏଲ୍‌ଆଇମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## ଶିକ୍ଷକ ବଦଳି ବାତିଲ ଦାବି : ବିଇଓ ଅଫିସ ଘେରିଲେ ଗ୍ରାମବାସୀ

**ବୋଲଗଡ,୩୦।୯(ଡି.ଏନ.ଏ.)**

ବୋଲଗଡ ବ୍ଲକ ଦଳେଇସାହିସ୍ଥିତ ଉର୍ଦ୍ଦୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ଜଣ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସୋମବାର ଗ୍ରାମବାସୀ ବୋଲଗଡ ବିଇଓ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢୁଛନ୍ତି। ଅଷ୍ଟମ ଶ୍ରେଣୀ ପାଇଁ ଶିକ୍ଷାଦାନ କରୁଥିବା ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଏବଂ କଳା ଶିକ୍ଷକ ଭାସ୍କର ଚନ୍ଦ୍ର ଦାଶଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ତେବେ ପୂର୍ବରୁ ବିଦ୍ୟାଳୟରେ ଜଣେ ଉର୍ଦ୍ଦୁ ଶିକ୍ଷକ ଥିବା ବେଳେ ବଦଳି ହୋଇଥିବା ୨ ଶିକ୍ଷକଙ୍କ ସ୍ଥାନରେ ଆଉଜଣେ ଉର୍ଦ୍ଦୁ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଏହାର ପ୍ରତିବାଦ ତଥା ୨ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଗ୍ରାମବାସୀ ବିଇଓଙ୍କ କାର୍ଯ୍ୟାଳୟ ଠାରେ ଧାରଣା ଦେଇଥିଲେ।




ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା ।

## ଭୁଷଣ୍ଡପୁର ହାଟ ଉଦ୍‌ଘାଟିତ



ସଭାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ଅନ୍ୟମାନେ ।

**ନିରାକାରପୁର,୩୦।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାର ଭୁଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତର ମଧ୍ୟସ୍ଥଳ ଭୁଷଣ୍ଡପୁର ଦୋଳପଡିଆଠାରେ ଆଞ୍ଚଳିକ କମିଟି ଏକ ହାଟର ପରିକଳ୍ପନା କରିଥିଲା। ସୋମବାର ଏହି ନୂତନ ପରିବା ହାଟ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅନିଲ କୁମାର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ । ଆମନ୍ତ୍ରିତ ଅତିଥି ଭାବେ ଖୋର୍ଦ୍ଧା ଯୋଜନା ବୋର୍ଡ ଅଧକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଭୁଷଣ୍ଡପୁର ସରପଞ୍ଚ ନବକିଶୋର ନାୟକ, ସମିତି ସଭ୍ୟ ରାଜକିଶୋର ନାୟକ, ବାଲିପାଟପୁର ସରପଞ୍ଚ ସୁରେନ୍ଦ୍ର ବେହେରା, ଆଞ୍ଚଳିକ କମିଟି ସଭାପତି ତ୍ରିନାଥ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ସୌରଭ ଦାସ ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ବିରଞ୍ଚି ପ୍ରଧାନ ଧନ୍ୟବାଦ ଦେଇଥିଲେ। ଆଞ୍ଚଳିକ କମିଟି ପକ୍ଷରୁ ଉଭୟ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଗ୍ରାମ କେଶରୀ ପଟ୍ଟନାୟକ, ଅଜୟ କୁମାର ମହାରଣା, ବାସୁଦେବ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ଶିକ୍ଷାର୍ଥୀଙ୍କ ବ୍ୟାଗ ଓଜନ ପରୀକ୍ଷା

**ଟାଙ୍ଗୀ (ଖୋର୍ଦ୍ଧା),୩୦।୯(ଡି.ଏନ.ଏ.)**

ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସୋମବାର ଟାଙ୍ଗୀସ୍ଥିତ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ଶିକ୍ଷାର୍ଥୀମାନଙ୍କ ବ୍ୟାଗ ଓଜନ ପରୀକ୍ଷା କରାଯାଇଥିଲା। ଟାଙ୍ଗୀ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦେବଦତ୍ତ ମହାପାତ୍ର, ପ୍ରଶାନ୍ତ କୁମାର ବିଶ୍ୱାଳ ଓ ସିଆରସିସି ପ୍ରସନ୍ନ କୁମାର ପାଇକରାୟ ପ୍ରମୁଖ ଛାତ୍ରୀଛାତ୍ରଙ୍କ ବ୍ୟାଗ ଓଜନ କରିଥିଲେ । ସରକାରୀ ନୀତି ନିୟମରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହୋଇ ନ ଥିବା ସେମାନେ ପ୍ରକାଶ କରିଛନ୍ତି।

### ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

**କୃଷ୍ଣପ୍ରସାଦ, ୩୦।୯(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ସିଡିପିଓ ମନୋରମା ଦେବୀଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକା ଯୋଗ ଦେଇଥିଲେ। ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ମେଡିକାଲ, ତହସିଲ, ବ୍ଲକ ଏବଂ ନିକଟସ୍ଥ ଚିଲିକା ନୂଆପଡା ଗ୍ରାମ ପରିକ୍ରମା କରିଥିଲେ। ସିଡିପିଓଙ୍କ କାର୍ଯ୍ୟାଳୟରେ ସଚେତନତା ସଭା ଆୟୋଜିତ ହେଉଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ତିିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ସମିତିସଭ୍ୟ ମନୋଜ କୁମାର ସାହୁ, ଗୋମୁଣ୍ଡିଆ ପଞ୍ଚାୟତ ସମିତିସଭ୍ୟ ବିଜୟ କୁମାର ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିବସ ସେପ୍ଟେମ୍ବର ୧ ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହୋଇଛି। ଏହି ଅବସରରେ ସେକ୍ଟରସ୍ତରରେ ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ, ସହାୟିକା, ପ୍ରାକ୍ ପ୍ରାଥମିକ ବିଦ୍ୟାଳୟର ଶିଶୁମାନଙ୍କୁ ନିମନ୍ତ୍ରିତ ଅତିଥିମାନଙ୍କଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାରେ ଶିଶୁ, ମା’, ଯୁବତୀଙ୍କୁ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନ କରାଯିବା ସହ ନିଜ କେନ୍ଦ୍ରରେ କାର୍ଯ୍ୟକାରୀ କରିବାକୁ ସିଡିପିଓ ପରାମର୍ଶ ଦେଇଥିଲେ।

### ■ ବିଟ୍ କଏନ୍ ନାମରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣା
## ଜମାକାରୀ କମ୍ପ୍ୟୁଟର ସେଣ୍ଟର ମାଲିକଙ୍କୁ ପୋଲିସ ଜିମା ଦେଲେ

**ଖୋର୍ଦ୍ଧା ଅଫିସ/ଜଟଣୀ, ୩୦।୯(ଡି.ଏନ.ଏ.):**

ବିଟ୍ କଏନ୍ ନାମରେ କୋଟି କୋଟି ଟଙ୍କା ଠକେଇ ଘଟଣା ଅଭିଯୋଗରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଙ୍କ କାର୍ଯ୍ୟାଳୟରେ ମ୍ୟାଲେରିଆ ବିଭାଗରେ କାର୍ଯ୍ୟରତ କର୍ମଚାରୀ ତଥା ସ୍ଥାନୀୟ ନୂଆ ବସଷ୍ଟାଣ୍ଡସ୍ଥିତ ଏକ ଘରୋଇ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ମାଲିକ ଶଶିଭୂଷଣ ମିଶ୍ରଙ୍କୁ ସୋମବାର ଗିରଫ କରାଯାଇଛି। କିଛି ଜମାକାରୀ ଶଶିଙ୍କୁ ଅଟକ ରଖି ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ଶଶିଙ୍କୁ ଗିରଫ କରି ଜଟଣୀ ଥାନାକୁ ହସ୍ତାନ୍ତର କରିଛି।

ପ୍ରକାଶଥାଉ କି ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟା ଗ୍ରାମର ବିଜୟ କୁମାର ପ୍ରଧାନ ଅଗଷ୍ଟ ୨୫ରେ ଜଟଣୀ କମିଶନରେଟ ପୋଲିସ ନିକଟରେ ବିଟ୍ କଏନ ଠକେଇର ଶିକାର ହୋଇଥିବା ପ୍ରଥମେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ଜଟଣୀ ପୋଲିସ ନଂ. ୩୧୯/୧୯ରେ ଓ ସାଇବର ସେଲ ନଂ. ୧୯/୧୯ରେ ମାମଲା ରୁଜୁ କରି ଶଶିଙ୍କୁ ଖୋଜୁଥିଲେ। ସୋମବାର ଶଶି ଉକ୍ତ କମ୍ପ୍ୟୁଟର ସେଣ୍ଟରରେ କାମ କରୁଥିବା ଖବରପାଇ ଠକେଇର ଶିକାର ହୋଇଥିବା କେତେଜଣ ଜମାକାରୀ ଶଶିଙ୍କୁ କାବୁ କରି ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜିମା ଦେଇଥିଲେ। ତେବେ ଏହି ଠକେଇରେ ସିମରର ରଞ୍ଜିତ ମଣ୍ଡଳ ୨୩ ଲକ୍ଷ ଟଙ୍କା, ବାଜପୁରର ଅଂଶୁମାନ ଦାସ ୨ ଲକ୍ଷ, ଖୋର୍ଦ୍ଧାର ଦେବାଶିଷ ପଣ୍ଡା ୭ ଲକ୍ଷ ୭୦ ହଜାର, ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଆଗରେ ରହୁଥିବା ଶାନ୍ତନୁ ସେଠୀ ୧୦ ଲକ୍ଷ, ଅମୀୟ ପଟ୍ଟନାୟକ ୧ ଲକ୍ଷ, ସାମନ୍ତରାପୁରର ଦିଲୀପ ମହାନ୍ତିଙ୍କୁ ସମେତ ବହୁ ଯୁବତୀଯୁବକ ୨ କୋଟି ଟଙ୍କା ପରି ଖୋର୍ଦ୍ଧା, ଜଟଣୀ, ବେଗୁନିଆ ଅଞ୍ଚଳର ଏକାଧିକ ବ୍ୟକ୍ତି ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ସ୍ୱତନ୍ତ୍ର ୱେବ୍‌ସାଇଟ୍, ଆପ୍ ଖୋଲି ଓ ଏଜେଣ୍ଟମାନଙ୍କ ମାଧ୍ୟମରେ ଟଙ୍କା ୨ରୁ ୩ ଗୁଣା ହୋଇଯିବ ବୋଲି ପ୍ରଲୋଭିତ କରି ପ୍ରଥମେ ଲୋକଙ୍କୁ ଜାଲରେ ପକାଯାଉଥିଲା। ଏହାଛଡ଼ା ୱେବ୍‌ସାଇଟ୍ ଓ ଆପ୍‌ରେ ବିଟ୍ କରେନ୍‌ସି ନାମ ବ୍ୟବହାର କରି ଭାରତୀୟ ଟଙ୍କା ବିଦେଶୀ ମୁଦ୍ରାରେ ପରିବର୍ତ୍ତନ ହୋଇ ବାନ୍ଧିଥିବା ଜମାକାରୀଙ୍କ ପାଖକୁ ଡାଉନ୍‌ଲୋଡ୍ କରିବାକୁ ଆପ୍‌ରେ ଦୈନିକ ଲୋକଙ୍କ ପାଖକୁ ମିଛ ମେସେଜ୍ ଆସିଥାଏ। ବିଟ୍ କଏନ ବା ଜେ.ଏମ୍.ଏମ.ବି.ଟି.ସି ୱାଲ୍ଡ, କେ.ଇନ୍ ସାଇଟରେ କୋଟି କୋଟି ଟଙ୍କା ଲାଭ ପାଇବା ଆଶାରେ ଅନେକ ଜମାକାରୀ ଠକେଇର ଶିକାର ହୋଇଥିଲେ। ଅନ୍ୟପକ୍ଷେ ଏହି ଘଟଣାରେ ପ୍ରଥମେ ବେଲପଡାର ମନୋରଞ୍ଜନ ବିଶ୍ୱାଳ ନାମକ ର୍ୟାକେଟର ଜଣେ ପ୍ରମୁଖ ସଦସ୍ୟଙ୍କୁ ଜଟଣୀ ପୋଲିସ ଅଗଷ୍ଟ ମାସରେ କୋର୍ଟ ଚାଲାଣ କରିଥିଲା।

## ଶାଳିଆ ଡ୍ୟାମରୁ ଜଳ ନିଷ୍କାସନ ହେଲେ ବନ୍ୟା ଆଶଙ୍କା

**ଖୋର୍ଦ୍ଧା ଅଫିସ,୩୦।୯:**

ବର୍ଷା ଯୋଗୁ ବାଣପୁର ଶାଳିଆ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ମଧ୍ୟକୁ ଅଧିକ ପାଣି ପ୍ରବେଶ କରିଛି। ଡ୍ୟାମର ସର୍ବାଧିକ ଜଳଧାରଣା କ୍ଷମତା ୫୮.୫୩ ମିଟର ରହିବାକୁ ଥିବା ବେଳେ ବର୍ତ୍ତମାନ ଜଳସ୍ତର ପ୍ରାୟ ୫୮. ୩୦ ଥିବା କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି। ଆଗକୁ ବର୍ଷା ହେବାର ସମ୍ଭାବନା ଥିବାରୁ ଶାଳିଆ ନଦୀ ଦେଇ କୌଣସି ବ୍ୟକ୍ତି ଯାତାୟାତ ନ କରିବା ପାଇଁ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଶାଳିଆ ଡ୍ୟାମର ପାଣି ନିଷ୍କାସନ କରାଗଲେ ବାଣପୁର ଅଞ୍ଚଳ ବନ୍ୟାର ରୂପ ନେଇଥାଏ। ଏଣୁ ତଳ ମୁହଁରେ ଥିବା ଗାଁର ବାସିନ୍ଦା ଭୟଭୀତ ହୋଇ ପଡିଛନ୍ତି।

### ■ ଜଟଣୀରେ ମନ୍ଦିରରୁ ସିରିଜ ଚୋରି ଘଟଣା
## ୨ ଗିରଫ: ୪ଲକ୍ଷ ଟଙ୍କାର ଚୋରି ସାମଗ୍ରୀ ଜବତ

**ଜଟଣୀ,୩୦।୯(ଡି.ଏନ.ଏ.):**



ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ଓ ଜବତ ସାମଗ୍ରୀ ।

ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିବା ଜଟଣୀରେ ସିରିଜ ମନ୍ଦିର ଚୋରି ଘଟଣାରେ ଦୁଇ ଅଭିଯୁକ୍ତ ସୋମବାର ଗିରଫ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଜଟଣୀ ଚିନ୍ତାମଣିନଗରରେ ରହୁଥିବା ଡେଲାଙ୍ଗ ଘୋରଡିଆ ରାଉତସାହିର ପ୍ରକାଶ ଚନ୍ଦ୍ର ସିଂ ଓ ସ୍ଥାନୀୟ ରାଜାବଜାର ଅଞ୍ଚଳର ବିମଳ ସିଂ ଓରଫ ମଙ୍ଗୁ। ସେମାନଙ୍କଠାରୁ ବିଭିନ୍ନ ମନ୍ଦିରରୁ ଦେବଦେବୀଙ୍କ ଚୋରି କରିଥିବା ଅନେକ ସୁନା ଓ ରୁପା ଅଳଙ୍କାର, ମନ୍ଦିରର କଂସା ପିତ୍ତଳ ବାସନ, ଘଣ୍ଟ ଘଣ୍ଟି, ଚାନ୍ଦୁଆ, ସାଉଣ୍ଡ ବକ୍ସ, ସ୍ପିକର, ୧୫, ୪୫୮ ଟଙ୍କା ଜବତ ହୋଇଛି। ଜବତ ସାମଗ୍ରୀର ମୂଲ୍ୟ ୪ ଲକ୍ଷରୁ ଅଧିକ ହେବ ବୋଲି ପୋଲିସ ଅନୁମାନ କରୁଛି। ଅଭିଯୁକ୍ତମାନେ ଜଟଣୀ ସମେତ ଯାଁଳା, ପିପିଲି, ଖୋର୍ଦ୍ଧା, ଭୁବନେଶ୍ୱର ଓ ଡେଲାଙ୍ଗ ଅଞ୍ଚଳରେ ଅନେକ ମନ୍ଦିରରୁ ଚୋରି କରିଥିବା ପଚରାଉଚୁରା ସମୟରେ ସ୍ୱୀକାର କରିଥିବା ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି । କିଛିମାସ ହେବ ଜଟଣୀ ସହର ଓ ନିକଟବର୍ତ୍ତୀ ଗ୍ରାମରେ ଅନେକ ମନ୍ଦିରରୁ ଚୋରି ଅଭିଯୋଗ ବୃଦ୍ଧି ଘଟଣା ପୋଲିସ ପାଇଁ ଚିନ୍ତାର କାରଣ ହୋଇପଡିଥିଲା। କେଉଁ ମନ୍ଦିର ଦାନବାକ୍ସ ଭାଙ୍ଗି ଟଙ୍କା ପଇସା ଚୋରି ତ ଆଉ କେଉଁ ମନ୍ଦିରରୁ ଦେବଦେବୀଙ୍କ ମୂଲ୍ୟବାନ ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଅଭିଯୋଗ ବଢ଼ି ଚାଲିଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପୋଲିସର ଉଦ୍ୟମ ସତ୍ତ୍ୱେ ଅଭିଯୁକ୍ତମାନେ ବାରମ୍ବାର ଖସି ଯାଉଥିଲେ। ସେପଟେ ମନ୍ଦିରରୁ ଚୋରି ସଂଖ୍ୟା ବଢ଼ି ଚାଲିଥିଲା। ତେବେ ସିସିଟିଭି ଫୁଟେଜ, ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଓ ପୋଲିସ ବିଛାଇଥିବା ଜାଲରେ ଅଭିଯୁକ୍ତ ଦୁଇଜଣ ପଡ଼ିଥିଲେ। ଗିରଫ ଦୁଇଜଣଙ୍କୁ ପୋଲିସ ସୋମବାର କୋର୍ଟ ଚାଲାଣ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ୯ଟି ମନ୍ଦିର ଚୋରି ଘଟଣାରେ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେଥିରେ ୬ଟି ଜଟଣୀ, ୨ଟି ଖୋର୍ଦ୍ଧା ଓ ଗୋଟିଏ ପିପିଲି ଥାନା ଅଞ୍ଚଳରେ ହୋଇଥିବା ମନ୍ଦିର ଚୋରିଘଟଣା ଅନ୍ତର୍ଭୁକ୍ତ।

### ■ ଅସରଳା ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଗଣଧାରଣା
# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ବୋଲଗଡ,୩୦।୯(ଡି.ଏନ.ଏ.)**

**ତିତ୍‌ଲି ବାତ୍ୟାରେ କ୍ଷତିପୂରଣ ପାଇଁ ଶସ୍ୟବୀମା ସହାୟତା ଦାବି**




ଅସରଳା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

ବୋଲଗଡ ବ୍ଲକ ଅସରଳାସ୍ଥିତ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ମୁଖରେ ସୋମବାର ତିତିଲ ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ଶସ୍ୟ ବୀମା ସହାୟତା ଦାବିରେ ୫୮ ଜଣ ଚାଷୀ ଧାରଣା ଦେଇଥିଲେ। ଅନିର୍ଦ୍ଦିଷ୍ଟ କାଳ ପାଇଁ ସେମାନେ ଧାରଣା ଦେଇଥିବାବେଳେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀମାନେ ଧାରଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ,୨୦୧୮-୧୯ ମସିହାରେ ଉକ୍ତ ସମିତିରୁ ବାଙ୍କୋଇଦେଶ ପଞ୍ଚାୟତର ସହଜପୁର,ବାରବାଟି ଏବଂ ବାରପାଟିଆ ୩ଟି ରାଜସ୍ୱ ମୌଜାର ୭୫ଜଣ ସଭ୍ୟ ଧାନଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଶସ୍ୟ ବୀମା କରିବା ସହିତ ଋଣ ନେଇଥିଲେ। ୨୦୧୮ ଅକ୍ଟୋବର ମାସରେ ହୋଇଥିବା ତିତିଲ ବାତ୍ୟାରେ ବାଙ୍କୋଇଦେଶ ପଞ୍ଚାୟତ ଅଞ୍ଚଳରେ ଧାନ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା । ଫଳରେ ସରକାରଙ୍କ ପକ୍ଷରୁ ତିତିଲ ବାତ୍ୟା ଜନିତ କ୍ଷତିପୂରଣ ପାଇଁ ସର୍ଭେ କରାଯାଇ ବାଙ୍କୋଇଦେଶ ପାଇଁ ୫୦.୫ପ୍ରତିଶତ ବୀମା ସହାୟତା ଯୋଗାଇ ଦିଆଯିବାକୁ ଘୋଷଣା କରାଯାଇଥିଲା । ମାତ୍ର ଏହି ସମବାୟ ସମିତିରେ ବାଙ୍କୋଇଦେଶ ପଞ୍ଚାୟତର ଉପରୋକ୍ତ ୩ଟି ମୌଜାର ୭୫ଜଣ ଚାଷୀଙ୍କ ମଧ୍ୟରୁ ୫୮ଜଣ ଚାଷୀ ଶସ୍ୟ ବୀମା କରି ମଧ୍ୟ କ୍ଷତିପୂରଣ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଶସ୍ୟବୀମା ସହାୟତା ପାଇ ନ ଥିବା ୫୮ଜଣ ଚାଷୀ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ ମଧ୍ୟ ନିରାଶ ହୋଇଥିଲେ । ପରେ ସେମାନେ ସୋମବାର ବୋଲଗଡ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ । ତଥାପି ଚାଷୀ ମାନଙ୍କୁ ଶସ୍ୟବୀମା କ୍ଷତିପୂରଣ ସହାୟତା ମିଳିପାରି ନାହିଁ । ଶସ୍ୟବୀମା କ୍ଷତିପୂରଣ ନ ମିଳିବା ଯାଏଁ ଧାରଣାରେ ବସିରହିବୁ ବୋଲି ବିଶ୍ୱନାଥ ମାର୍ଥା,ଅନିଲ କୁମାର ପ୍ରଧାନ, ବୈକୁଣ୍ଠ ପଣ୍ଡା,ସିଦ୍ଧେଶ୍ୱର ବିଶ୍ୱାଳ, ଅକ୍ଷୟ ପ୍ରତାପସିଂହ, ଭୀମସେନ ମଙ୍ଗରାଜ ପ୍ରମୁଖ ଚାଷୀମାନେ କହିଥିଲେ। ଏ ସଂକ୍ରାନ୍ତରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ରାଜସୁନାଖଳା ସ୍ଥିତ ବୋଲଗଡ ଶାଖା ପରିଚାଳକ ରାକେଶ କୁମାର ପାଇକରାୟ କୁହନ୍ତି ବିଭିନ୍ନ ତ୍ରୁଟି କାରଣରୁ ୫୮ଜଣଙ୍କ ବୀମା ସହାୟତା ରାଶି ଆସିପାରିନାହିଁ । ଏଥିପାଇଁ ଆମେ ବ୍ୟାଙ୍କ ପକ୍ଷରୁ ସରକାର ଏବଂ ବୀମା କମ୍ପାନୀଙ୍କୁ ଅବଗତ କରାଇଛୁ । ଏହି ସମସ୍ୟା ଖୁବ ଶିଘ୍ର ସମାଧାନ କରାଯିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ରାତି ପ୍ରାୟ ସାଢେ ୯ଟାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ପ୍ରଫୁଲ୍ଲ କୁମାର ପ୍ରଧାନ, ଡିଜିଏମ ସାରଥ ଶତପଥୀ ଓ ଏଆରସିଏସ ଉମାଶଙ୍କର ଦାସ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ଚାଷୀମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଚାକିରି ଦେବା ନାଁରେ ୩ ଲକ୍ଷ ଟଙ୍କା ଠକେଇ

ନିମାପଡ଼ା,୩୦।୯(ଡି.ଏନ୍.ଏ): ଚାକିରି କରାଇଦେବାକୁ କହି ଜଣେ ବ୍ୟକ୍ତି ୩ ଲକ୍ଷ ଟଙ୍କା ଠକି ନେଇଥିବା ସୋମବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୨୪୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନିମାପଡ଼ା ଥାନା ଅଧୀନ ପାଟପୁର ଗ୍ରାମର ଦେବରାଜଙ୍କ ପୁଅ ଅଭିନାଶ ମିଶ୍ରଙ୍କୁ ଟାଟା କମ୍ପାନୀରେ ଚାକିରି କରାଇଦେବା ପାଇଁ ଭଦ୍ରକ ଜିଲା କାଣିଡ଼ହି ଥାନା ଅଞ୍ଚଳର ରଣଜିତ ଦତ୍ତ ପ୍ରତିଶ୍ରୁତି ଦେବା ସହ ପର୍ଯ୍ୟାୟକ୍ରମେ ୩ ଲକ୍ଷ ଟଙ୍କା ନେଇଥିଲେ। ବହୁ ଦିନ ବିତିଯାଇଥିଲେ ମଧ ଅଭିନାଶଙ୍କୁ ଚାକିରି ନ କରାଇଦେବାରୁ ଦେବରାଜ ତାଙ୍କ ଟଙ୍କା ଫେରାଇଦେବାକୁ ରଣଜିତଙ୍କୁ କହିଥିଲେ। ଟଙ୍କା ଫେରାଇବାକୁ ରଣଜିତ ଦିନ ଗଡ଼ାଇବା ସହ ଫୋନ ସୁଇଚ୍ ଅଫ କରିଦେଇଥିଲେ। ଶେଷରେ ସେ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ। ରଣଜିତ୍ ଏଭଳି ଚାକିରି କରାଇଦେବାକୁ କହି କେତେଜଣ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଦେବରାଜ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ବିପର୍ଯ୍ୟୟ ମୁକାବିଲା ସଂକ୍ରାନ୍ତ ତାଲିମ

କଣାସ, ୩୦।୯(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଆଳିବାଡ଼ ପଞ୍ଚାୟତର ଆଳିବାଡ଼ ବାତ୍ୟା ଆଶ୍ରୟସ୍ଥଳୀରେ ୨ଦିନ ଧରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ଆନୁକୂଲ୍ୟରେ ଏବଂ ଅକ୍ସଫାମ୍ ସହାୟତାରେ ବିପର୍ଯ୍ୟୟ ମୁକାବିଲା ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଳିବାଡ, ଖଣ୍ଡହତା, ବିନ୍ଧଣ ଓ କଦୁଆ ପଞ୍ଚାୟତର ୪୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ସୋଲାର ସଂଯୋଜକ ଶଶିଭୂଷଣ ବିଶ୍ୱାଳ ଏହି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ ଥିଲେ। ବ୍ଲକ ଅଗ୍ନିଶମ ଅଧିକାରୀ ସୁବାସ କୁମାର ପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ନିଜକୁ କିପରି ସୁରକ୍ଷିତ ରଖି ନିଆଁରୁ ଲୋକଙ୍କୁ ଉଦ୍ଧାର କରିହେବ ଓ ନିଆଁକୁ ଆୟତ୍ତ କରାଯାଇପାରିବ ସେ ସଂକ୍ରାନ୍ତରେ ବିଭିନ୍ନ କୌଶଳ ଶିଖାଇବା ସହ ଅଗ୍ନି ନିର୍ବାପକ ଯନ୍ତ୍ର, ଗ୍ୟାସଚୁଲା ଆଦିର ବ୍ୟବହାର ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦେଇଥିଲେ। ତାଲିମଦାତା ରାମଚନ୍ଦ୍ର ମହାପାତ୍ର, ଆପଦ ମିତ୍ର ସୁନିତା ବିଶ୍ୱାଳ ପ୍ରମୁଖ ଅନୁସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ସହାୟତା, ଆଶ୍ରୟସ୍ଥଳୀ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରେମାନନ୍ଦ ସାମନ୍ତରାୟ, ଲାଲ୍ ବିହାରୀ ସାହୁ, ଇନ୍ଦ୍ରମଣି ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

ଗୋପ, ୩୦।୯(ଡି.ଏନ୍.ଏ.)- ବଳରାମ ରାୟ ଆଦର୍ଶ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଧର ଛାଟୋଇଙ୍କ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ପୁରୀ ଜିଲା ନିଖିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ ସଭାପତି ସୁଶାନ୍ତ କୁମାର ନାୟକ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିବଦତ୍ତ ନାୟକ ଯୋଗଦେଇ ପ୍ରଧାନଶିକ୍ଷକଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ତ୍ରିଲୋଚନ ବେଜ, ସମରେନ୍ଦ୍ର ସାମନ୍ତରାୟ, ସ୍ୱରଜିତ୍ ସେନ୍, ଜଳନ୍ଧର ବେହେରା, ସତ୍ୟନାରାୟଣ ସାହୁ, ଯୁବରାଜ ବିଶ୍ୱାଳ, ସେକ୍ ମକ୍ସୁଦ୍ ହୁସେନ୍, ସେଖ୍ ପରଭେଜ୍, ଡ. ପ୍ରଦୀପ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରଧାନଶିକ୍ଷକ ଛାଟୋଇ ଉତ୍ତମ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।



ଷୋଳପୂଜା ଅବସରରେ ପୁରୀ ମା' ମଙ୍ଗଳାଙ୍କ ମାତଙ୍ଗିନୀ ବେଶ।



ମା' ମରିଚେଇଙ୍କ ମହାଲକ୍ଷ୍ମୀ ବେଶ।



ବାଙ୍କିମୁହାଁଣ ରାମଚଣ୍ଡୀଙ୍କ ତ୍ରିପୁରସୁନ୍ଦରୀ ବେଶ।



ମା' ବାସେଳେଇଙ୍କ ବିମଳା ବେଶ।

# ନିମାପଡ଼ା ଏନ୍ଏସିରେ ପଲିଥିନ ବ୍ୟାନ ବାଟବଣା

- ବଜାରରେ ବେଧଡ଼କ ଚାଲିଛି ପଲିଥିନ ବ୍ୟବହାର
- ମନେପଡ଼ିଲେ ଚଢ଼ାଉ, ନିଆଯାଉନି ପଦକ୍ଷେପ

ନିମାପଡ଼ା,୩୦।୯(ଡି.ଏନ୍.ଏ.):

ଗତବର୍ଷ ଅକ୍ଟୋବର ୨ରୁ ରାଜ୍ୟରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବନ୍ଦ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ପୁରୀ ଜିଲା ନିମାପଡ଼ା ଏନ୍ଏସିରେ ବ୍ୟବସାୟୀ ଓ ଲୋକଙ୍କ ହାତରେ କପଡ଼ା ବ୍ୟାଗ ପରିବର୍ତ୍ତେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଦେଖିବାକୁ ମିଳୁଛି। ଆଉ ଦିନ କେଇଟା ପରେ ଏହି ବ୍ୟାନକୁ ବର୍ଷେ ପୂରିବାକୁ ଥିବା ବେଳେ ଉକ୍ତ ଏନ୍ଏସି ଅଞ୍ଚଳରେ ଏହା ବାଟବଣା ହୋଇପଡିଛି।

ନିମାପଡ଼ା ସହରର ବହୁ ଗୋଦାମ, ହୋଟେଲ, ଫଳ ଦୋକାନ ଓ ଷ୍ଟେଶନେରି ଦୋକାନଗୁଡ଼ିକରେ ଖୁଲମଖୁଲା ଭାବେ ପ୍ଲାଷ୍ଟିକ ଓ ପଲିଥିନ କାରବାର ଚାଲିଛି। ଏ ଦିଗରେ ଏନ୍ଏସି କର୍ତ୍ତୃପକ୍ଷଙ୍କ ଆଦୌ ନିଘା ନ ଥିବା ବହୁ ପରିବେଶବିତ୍ କହିଛନ୍ତି। ଏହି ପଲିଥିନ୍ ଓ ପ୍ଲାଷ୍ଟିକ କାରବାର ଦିଗରେ ଏନ୍ଏସି ପକ୍ଷରୁ କୌଣସି କଟକଣା ରହୁ ନ ଥିବାବେଳେ ପଲିଥିନ ବ୍ୟବହାର କରୁଥିବା କୌଣସି ଗୋଦାମ ମାଲିକ ଓ ବ୍ୟବସାୟୀ, ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଏଠାରେ ପ୍ଲାଷ୍ଟିକ ଓ ପଲିଥିନ କାରବାର ବଢ଼ିବାରେ ଲାଗିଛି। କେତେକ ସମୟରେ ନିର୍ଦ୍ଦିଷ୍ଟ କେତେକ ଦୋକାନ ଓ ଗୋଦାମ ଉପରେ ଚଢ଼ାଉ କରାଯାଇ ଅତି ସ୍ୱଳ୍ପ ପରିମାଣ ପଲିଥିନ୍ ଜବତ କରି ଏନ୍ଏସି ବାହାବା ନେଉଛି। ହେଲେ ଏନ୍ଏସି ପକ୍ଷରୁ ଏହି ଚଢ଼ାଉ କେବଳ ଲୋକଦେଖାଣିଆ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ପୁରୀ ଜିଲାପାଳ ଜିଲାର ବିଭିନ୍ନ ଏନ୍ଏସି, ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ସହରଗୁଡ଼ିକୁ ପ୍ଲାଷ୍ଟିକ ଓ ପଲିଥିନ୍ ମୁକ୍ତ ସହର ଭାବେ ପରିଗଣିତ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ସହ ଏ ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମ୍ୟୁନିସିପାଲିଟି, ଏନ୍ଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ନିମାପଡ଼ା ଏନ୍ଏସିରେ ଏହାର ବ୍ୟତିକ୍ରମ ଦେଖାଯିବା ସହ ଜିଲା ପ୍ରଶାସନର ନିର୍ଦ୍ଦେଶକୁ ପାଳନ କରାଯାଉ ନ ଥିବା ଦେଖାଯାଇଛି। ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ସଚିବ, ସ୍ଥାନୀୟ ବିଧାୟକ, ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏବେଠାରୁ ରାଜ୍ୟ ଓ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ନିମାପଡ଼ା ସହର ପ୍ଲାଷ୍ଟିକ, ପଲିଥିନ କାରବାର କବଳରୁ ମୁକ୍ତ ହେବା ପରିବର୍ତ୍ତେ ସାମ୍ରାଜ୍ୟ ବିସ୍ତାର କରିଚାଲିବାର ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ ବୋଲି ବହୁ ବୁଦ୍ଧିଜୀବୀ, ପରିବେଶବିତ୍, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦମାନେ କହିଛନ୍ତି। ପ୍ରାୟ ୫ମାସ ହେବ ଏନ୍ଏସିରେ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଥିବାରୁ ଏହି କାର୍ଯ୍ୟର ସଫଳ ରୂପାୟନ ହୋଇପାରୁ ନ ଥିବା ବିଭିନ୍ନ ମହଲରେ କୁହାଯାଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ୍ ଦାସ କୁହନ୍ତି, ଏନ୍ଏସି ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଛି। ଏହା ସହ ସଚେତନତା କାର୍ଯ୍ୟକ୍ରମ ଓ କଡ଼ା କଟକଣା ଜାରି କରାଯାଇଥିବା ସେ କହିଥିଲେ।

- ଜିଲାପାଳଙ୍କ ଜନ ଶୁଣାଣି

# ଫନୀକୁ ନେଇ ସର୍ବାଧିକ ଅଭିଯୋଗ

ପୁରୀ ଅଫିସ, ୩୦।୯:

ବାତ୍ୟା ଫନୀକୁ ୫ମାସ ବିତିବାକୁ ବସିଲାଣି। ହେଲେ ଏବେ ବି କ୍ଷତିଗ୍ରସ୍ତ ବିଭିନ୍ନ ପ୍ରକାର ସାହାଯ୍ୟ ଓ ସହାୟତା ଆଶାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। କେଉଁ ଗାଁର ରାସ୍ତା ନଷ୍ଟ ହୋଇଯାଇଛି ତ ଆଉ କେଉଁଠିକୁ ବିଦ୍ୟୁତ୍ ଶତ ପ୍ରତିଶତ ଭାବେ ସ୍ୱାଭାବିକ ହୋଇ ପାରିନାହିଁ। ପୁଣି କାହାକୁ ସହାୟତା ରାଶି ମିଳିନାହିଁ। ଆଉ କେହି ଏବେ ବି ଦୟନୀୟ ସ୍ଥିତିରେ ରହୁଛନ୍ତି। ସୋମବାର ଜିଲାପାଳଙ୍କ ଜନ ଶୁଣାଣିରେ ଏଭଳି ଅନେକ ଅଭିଯୋଗ କରିଛନ୍ତି ଲୋକେ। ଫନୀ ସଂକ୍ରାନ୍ତ ସର୍ବାଧିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ କାର୍ଯ୍ୟାଳୟ ପରିସରରେ ଏହି ଜନ ଶୁଣାଣି ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ସେମାନଙ୍କ ସମସ୍ୟା ଜଣାଇଥିଲେ। ପୁରୀ ସଦର ବ୍ଲକ ଅଧୀନ ଭାଇଲିପୁର ପଞ୍ଚାୟତର ଅନ୍ତିକେରା ଗ୍ରାମବାସୀ ରାସ୍ତା ସମସ୍ୟା ଜଣାଇଥିଲେ। ସେମାନେ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଜଗନ୍ନାଥ ସଡ଼କରୁ ଗାଁକୁ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ। ଏହି ରାସ୍ତା ଉପରେ ପ୍ରାୟ ୨୦ଟି ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ରାସ୍ତା ସାରା ଖାଲଖମା ଭର୍ତ୍ତି। ବର୍ଷା ହେଲେ ସେଗୁଡ଼ିକରେ ପାଣି ଜମି ରହୁଛି। ଗ୍ରାମକୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ଫଳରେ ଗୁରୁତର ରୋଗୀ, ଗର୍ଭବତୀ ମହିଳାଙ୍କୁ ଦୋଳାରେ ବୋହି ଡାକ୍ତରଖାନା ନେବାକୁ ପଡୁଛି। ତେଣୁ ତୁରନ୍ତ ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମର ସୁଜିତ କୁମାର ସ୍ୱାଇଁ, ମନୋଜ କୁମାର ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ନାରାୟଣ ସ୍ୱାଇଁ, ଗିରିଧାରୀ ସ୍ୱାଇଁ, କାଶୀନାଥ ସ୍ୱାଇଁ, ସଞ୍ଜୟ କୁମାର ସ୍ୱାଇଁ, ଦେବାଶିଷ ନାୟକ ପ୍ରମୁଖ ଗୁହାରି ଜଣାଇଛନ୍ତି। ସେହିପରି ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବୁଡାକେରା ଗ୍ରାମର ୩୦ ଯାଦବ ପରିବାରକୁ ବାସନ୍ଦ ରଖିବା ଏବଂ ସାମାଜିକ ନିର୍ଯାତନା ଦିଆଯାଉଥିବା ସମ୍ପୃକ୍ତ ପରିବାର ଅଭିଯୋଗ କରିଛନ୍ତି। ପୁରୀ ସଦର ବ୍ଲକ ଅଧୀନ ହନ୍ତୁକ ଗ୍ରାମର ବବିନା ଜେନା ହନ୍ତୁକ ପଞ୍ଚାୟତରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯାଇ ମିଥ୍ୟା ବିଲ୍ ହୋଇଥିବା ଅଭିଯୋଗ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଆଗତ ହୋଇଥିବା ଜଣାପଡ଼ିଛି।

# ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକାରିଣୀ ବୈଠକ




ବୈଠକରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଅନ୍ୟ ଲୋକପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ୫-ଟି, ଉତ୍ତମ ସେବା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୩୦।୯:

ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକାରିଣୀ ବୈଠକ ସୋମବାର ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଯୁକ୍ତି, ଯୁବ ସେବା ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲା ପରିଷଦ ସଭାପତି ଜ୍ୟୋତିର୍ମୟ ଦଲାଇ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ଏମ୍ପି ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ସିଡିଏମ୍ଓ ଡା. ନୀଳକଣ୍ଠ ମିଶ୍ର, ଏଡିଏମ୍ଓ (ମେଡିକାଲ) ଶଶିଭୂଷଣ ରଥ, ଜିଲାପାଳ ବଲୱନ୍ତ ସିଂ, ପିଡି ବିଶାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ୫ଟି ସୂତ୍ର ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ଭାବେ ଦଲାଲମୁକ୍ତ କରିବା, ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବା ଏବଂ ପରିମଳ ତଥା ସ୍ୱଚ୍ଛତା ପ୍ରତି କର୍ମଚାରୀମାନେ ଧ୍ୟାନ ଦେବା, ୨୪ଘଣ୍ଟିଆ ନିରାମୟ କାଉଣ୍ଟର ଖୋଲା ରଖିବାକୁ କହିଥିଲେ। ଅପରପକ୍ଷେ ଅଧିକ ଟିକେଟ କାଉଣ୍ଟର ବ୍ୟବସ୍ଥା, ଉପଲବ୍ଧ ସେବା ସମ୍ପର୍କରେ ଡିସ୍ପ୍ଲେ, ପାର୍କିଂ ବ୍ୟବସ୍ଥା, ଯକ୍ଷ୍ମା ଓ ସଂକ୍ରମଣ ଚିକିତ୍ସାଳୟରେ ଅଚଳ ହୋଇପଡ଼ିଥିବା ଏକ୍ସରେ ମେଶିନ୍ ମରାମତି, ସର୍ଜରୀ ବିଭାଗରେ ହାଇଡ୍ରୋଲେସିସ, ହର୍ନିଆ, ଖାଦ୍ୟନଳୀ ଅବରୋଧ, ଆପେଣ୍ଡିସାଇଟିସ୍, ପ୍ରୋଷ୍ଟେଟ, ଗଲବ୍ଲାଡର, ଅର୍ଶ, ମଳକଣ୍ଟକ, ଭଗନ୍ଦର ଆଦି ରୋଗର ଉତ୍ତମ ଚିକିତ୍ସା ବ୍ୟବସ୍ଥା ଲାଗି ପଦକ୍ଷେପ ନେବାକୁ ଦାବି କରାଯାଇଛି। ପ୍ରସୂତି ବିଭାଗରେ ନାନା ସମସ୍ୟା ରହିଥିବାବେଳେ ଚର୍ମରୋଗ ବିଭାଗରେ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର

କୋଣାର୍କ, ୩୦।୯(ଡି.ଏନ୍.ଏ.)

ଭାରତ ସରକାରଙ୍କ କ୍ରୀଡା ଓ ଯୁବସେବା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଓଡ଼ିଶା ପକ୍ଷରୁ ସୋମବାର କୋଣାର୍କ ଅର୍ବାନ ହାଟ ପରିସରରେ ଏକ ତ୍ରିଦିବସୀୟ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଛି। ନେହେରୁ ଯୁବକେନ୍ଦ୍ରର ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଅଭିଜିତ୍ ବୋଷ ଏହି ଶିବିରକୁ ଉଦ୍ଘାଟନ କରିଥିଲେ। ନେହେରୁ ଯୁବକେନ୍ଦ୍ର ପ୍ରତିଷ୍ଠାର ଇତିହାସ, ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ଆବାହକ ମଧୁ ଭାଇ, ନେହେରୁ ଯୁବକେନ୍ଦ୍ରର କଟକ ଜିଲା ଯୁବ ସଂଯୋଜକ ଅଶୋକ ଦାସ, ପୁରୀ ଜିଲା ଯୁବ ସଂଯୋଜକ ଜୟଶଙ୍କର ଯୋଶି, ଜବାହାର ନବୋଦୟ ବିଦ୍ୟାଳୟର ଅଧକ୍ଷ ଡି.ମାଲେଶ୍ୱର ରାଓ ଏବଂ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ରନାଥ ବାହିନୀପତି ଅତିଥିରୂପେ ଯୋଗଦେଇଥିଲେ। ଏଥିରେ ଓଡ଼ିଶାର ସମସ୍ତ ଜିଲାରୁ ଯୁବ ପ୍ରଶିକ୍ଷାର୍ଥୀମାନେ ଯୋଗ ଦେଇଛନ୍ତି।

# ବରାଳ ବାଲୁଙ୍କେଶ୍ୱରଙ୍କ ଲାଗି ବିଭୂତି ବାଟିକାରୁ ମାଟି ସଂଗ୍ରହ

ସାକ୍ଷୀଗୋପାଳ, ୩୦।୯(ଡି.ଏନ୍.ଏ.)

ଆଶ୍ୱିନ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ସୋମବାର ମାହେନ୍ଦ୍ର ବେଳାରେ ବରାଳ ଗ୍ରାମ ନିକଟ ବିଭୂତି ବାଟିକାରୁ ମାଟି ସଂଗ୍ରହ କରାଯାଇଛି। ସଂଗୃହୀତ ମାଟିକୁ ପୂଜାର୍ଚ୍ଚନା କରାଯିବା ପରେ ବିଭୂତି ପ୍ରସ୍ତୁତ କରାଯାଇ ବରାଳ ବାଲୁଙ୍କେଶ୍ୱରଙ୍କୁ ଦଶହରା ତିଥିରେ ଲାଗି କରାଯିବ। ସକାଳୁ ସକାଳୁ ମନ୍ଦିର ଦ୍ୱାର ଉନ୍ମୋଚନ ପରେ ମଙ୍ଗଳ ଆଳତି, ଅବକାଶ ନୀତି ପରେ ଦୁର୍ଗାଦେବୀଙ୍କ ନିକଟରେ ପ୍ରଣିପାତ କରି ସେବାୟତମାନେ ବିଭୂତି ସଂଗ୍ରହ ନିମନ୍ତେ ବାହାରିଥିଲେ। ଘଣ୍ଟ, କାହାଳି, ଛତି, ତ୍ରାସ ସହିତ ଆଜ୍ଞାମାଳ ଧରି ସେବାୟତମାନେ ମନ୍ଦିରରୁ ବିଭୂତି ବାଟିକା ଅଭିମୁଖେ ବାହାରିଥିଲେ। ବିଭୂତି ବାଟିକାସ୍ଥିତ ବରଗଛରେ ଆଜ୍ଞାମାଳ ଦିଆଯାଇ ହୁଙ୍କା ନିକଟରେ ନାଗରାଜଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସେବାୟତମାନେ ଭୂମିର ୩ ଚାଖଣ୍ଡ ତଳୁ ମାଟି ଖୋଳି ସଂଗ୍ରହ କରି ମନ୍ଦିରକୁ ଫେରିଥିବା ଦେଖାଯାଇଥିଲା।



ବିଭୂତି ବାଟିକାରୁ ଠାକୁରଙ୍କ ଲାଗି ମାଟି ସଂଗ୍ରହ କରି ନିଆଯାଉଛି।

- ତେଲିସାହି ପଡ଼ିଆ ଫାଙ୍କା ଗୁଳିଚାଳନା ଘଟଣା

# ଆଉ ୨ ଯୁବକ ଅଟକ, ୨ ବନ୍ଧୁକ ଜବତ

ପୁରୀ ଅଫିସ, ୩୦।୯:

ପୁରୀ ଟାଉନ ଥାନା ଅଧୀନ ବହୁ ଚର୍ଚ୍ଚିତ ତେଲିପଡ଼ିଆ ଫାଙ୍କା ଗୁଳି ଚାଳନା ଘଟଣାରେ ସୋମବାର ପୋଲିସ ଆଉ ୨ଜଣ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଦୁହିଁଙ୍କ ନିକଟରୁ ୨ଟି ବନ୍ଧୁକ ଜବତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ଉଭୟଙ୍କୁ ପଚରାଉଚରା କରାଯାଉଛି। ସର୍ବସାଧାରଣ ସ୍ଥାନରେ ଗୁଳି ଫୁଟାଇ ରବିବାର ଗିରଫ ହୋଇଥିବା ମଦ ବ୍ୟବସାୟୀ ତଥା ବିଜେଡି ନେତା ନାରାୟଣ ସାହୁଙ୍କର ଏହି ଯୁବକ ଦ୍ୱୟ ସମ୍ପର୍କୀୟ ବୋଲି ଶୁଣିବାକୁ ମିଳୁଛି। ତେବେ ତଦନ୍ତ ପ୍ରକ୍ରିୟାରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ ଏ ନେଇ କୌଣସି ସୂଚନା ଦେବାକୁ ମନା କରିଦେଇଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୪ରେ ତେଲିସାହି ପଡ଼ିଆରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାରୁଆ ଏବଂ ତାଙ୍କ ଅଙ୍ଗରକ୍ଷୀମାନେ ବନ୍ଧୁକ ଧରି ନାଚିଥିଲେ। ପ୍ରଥମେ ଦୁଇଜଣ ଅଙ୍ଗରକ୍ଷୀ ବନ୍ଧୁକରୁ ଗୁଳି ଫୁଟାଇଥିଲେ। ପରେ ନାରୁଆ ଅଙ୍ଗରକ୍ଷୀଙ୍କ ହାତରୁ ବନ୍ଧୁକ ନେଇ ଉପରକୁ ଫାଙ୍କା ଗୁଳିଚାଳନା କରିଥିଲେ। ଏହି ଘଟଣାରେ ରବିବାର ପୋଲିସ ନାରାୟଣ ଏବଂ ତାଙ୍କର ୩ ଅଙ୍ଗରକ୍ଷୀଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ଟି ବନ୍ଧୁକ, ଗୁଳି ଓ ୫ଟି ମୋବାଇଲ ଫୋନ୍ ଜବତ ହୋଇଥିଲା। ୬ରୁ ୮ରାଉଣ୍ଡ ଗୁଳି ଫୁଟିଥିବା ପୋଲିସ କହିଥିଲା। ଏବେ ଭାଇରାଲ ହୋଇଥିବା ଆଉ ୨ଟି ଭିଡିଓରେ ୮ରାଉଣ୍ଡ ଗୁଳି ଫୁଟିଥିବା ଦେଖିବାକୁ ମିଳିଛି। ଯୁବକ ଦ୍ୱୟ ଅଙ୍ଗରକ୍ଷୀମାନଙ୍କଠାରୁ ବନ୍ଧୁକ ନେଇ ବ୍ଲାଙ୍କ ଫାୟାରିଂ କରୁଥିବା ଦୃଶ୍ୟ ଭିଡିଓରେ ରହିଛି। ଏଥିରେ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରୁଛି। ପୂର୍ବରୁ ସ୍ୱର୍ଗଦ୍ୱାର ମାଛ ମାର୍କେଟ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି। ତେଲପଡ଼ିଆ ଘଟଣା ସହ ସ୍ୱର୍ଗଦ୍ୱାର ମାଛ ମାର୍କେଟ ଗୁଳିକାଣ୍ଡର ଲିଙ୍କ୍ ଥିବା ପୋଲିସ ସନ୍ଦେହ କରୁଛି। ତେଣୁ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି।

- ପୂର୍ବତନ କିରାଣିଙ୍କଠାରୁ ଆତ୍ମସାତ୍ ଅର୍ଥ ଆଦାୟ ଘଟଣା

# ସହଯୋଗୀଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

## ଭିଜିଲାନ୍ସ ଏସ୍ପିଙ୍କ ନିକଟରେ ଅଭିଯୋଗ

ପୁରୀ ଅଫିସ, ୩୦।୯:

ଦୁର୍ନୀତିରେ ବୁଡ଼ିଛି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନର ପୂର୍ବତନ ମୁଖ୍ୟ କିରାଣି ହିମାଂଶୁ ଶେଖର ଦାଶଙ୍କ ବିରୋଧରେ ୧୧ଲକ୍ଷ ୫୧ହଜାର ୯୦୩ ଟଙ୍କାର ଅର୍ଥ ଆତ୍ମସାତ ଅଭିଯୋଗ ଆସିଥିଲା। ଏ ନେଇ ଖୋଳତାଡ଼ ପରେ ଅଧକ୍ଷ ତାଙ୍କଠାରୁ ଏକ ବର୍ଷ ପରେ ସମସ୍ତ ଟଙ୍କା ଆଦାୟ କରିଛନ୍ତି। ଏଥିସହ ଏହି ଅନିୟମିତତା ସମ୍ପର୍କରେ ଆୟୁଷ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ସରକାରୀ ଅର୍ଥ ତୋସରପାତ ଏବଂ ଏଥିରେ ସମ୍ପୃକ୍ତ କିରାଣି ଦାଶଙ୍କୁ ସହଯୋଗ କରିଥିବା କର୍ମଚାରୀଙ୍କ ବିରୋଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସଚେତନ ନାଗରିକ ମଞ୍ଚ ଦାବି କରିଛି। ଏ ନେଇ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଭୁବନେଶ୍ୱରସ୍ଥ ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ୨୦୧୭-୧୮ରେ ହୋଇଥିବା ଆର୍ଥିକ ଅନିୟମିତତା ସମ୍ପର୍କରେ ଅଡିଟ୍ ଅଫିସର ଗତ ୨୦୧୮ ଜୁନ୍ ୨୬, ଜୁଲାଇ ୨୭, ଅଗଷ୍ଟ ୬ ଏବଂ ୧୪ ତାରିଖରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏ ନେଇ ଅଧକ୍ଷ ପ୍ରଫେସର ସୁଦର୍ଶନ ବେହେରା (ଚିଠି ନଂ. ୨୫୧୯/୨୪.୯.୧୯)ରେ ଆର୍‌ଟିଆଇ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଆତ୍ମସାତ ହୋଇଥିବା ୧୧ଲକ୍ଷ ୫୧ହଜାର ୯୦୩ ଟଙ୍କା ଗତ ଅଗଷ୍ଟ ୧୬ ତାରିଖରେ ହିମାଂଶୁଙ୍କଠାରୁ ଆଦାୟ କରାଯାଇଛି। ଏ ସଂକ୍ରାନ୍ତରେ (ଚିଠି ନଂ. ୨୩୯୧/ତାରିଖ ୭.୯.୧୯) ଆୟୁଷ ନିର୍ଦ୍ଦେଶାଳୟ ଭୁବନେଶ୍ୱରକୁ ଚିଠି ଲେଖାଯାଇଛି। କଲେଜ କନ୍ଫରେନ୍ସ ହଲ୍ ଭଡ଼ା ଆଦାୟ ବାବଦ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କିଣାଯାଇଥିବା ବିଭିନ୍ନ ସାମଗ୍ରୀ, ଆୟବ୍ୟୟ ହିସାବର ତଦନ୍ତ କରାଗଲେ ଗୁମର ପଦାକୁ ଆସିବ ବୋଲି ଦାଶ କହିଛନ୍ତି।